ପୂଜା ବିଶେଷାଙ୍କ

# ଶ୍ୟାମଳ ସୁବର୍ଣ୍ଣ

# Shyamala Subarna

## କୃଷି ଭିତ୍ତିକ ତ୍ରୈମାସିକ ପତ୍ରିକା

(An Agriculture Related Quarterly Magazine)



ଅକ୍ଟୋବର - ଡିସେମ୍ବର ୨୦୨୧

ସମ୍ପାଦକ: ଡି. ଶୁଭମ୍

www.shyamalasubarna.com

# ଶ୍ୟାମଳ ସୁବର୍ଣ୍ଣ

## କୃଷିଭିତ୍ତିକ ତ୍ରୈମାସିକ ପତ୍ରିକା

(An Agriculture Related Quarterly Magazine)

ଚତୁର୍ଥ ବର୍ଷ ।। ତୃତୀୟ ସଂଖ୍ୟା ।। ଅକ୍ଟୋବର- ଡ଼ିସେମ୍ବର-୨୦୨୧

**ଉପଦେଷ୍ଟା**

ଭୁବନାନନ୍ଦ ଅଧିକାରୀ
ଗୌରାଙ୍ଗ ଚନ୍ଦ୍ର ଦାସ
ଡ. ଅରବିନ୍ଦ ଦାସ
ସୌମ୍ୟଶ୍ରୀ ପାଣିଗ୍ରାହୀ
ସୁବ୍ରତ କୁମାର ମହାନ୍ତି

**ସମ୍ପାଦନାମଣ୍ଡଳୀ**

ପ୍ରଜ୍ଞା ପରମିତା
ବିଜ୍ଞାନ ମିହିର ରାଉତ
ଶୁଭଶ୍ରୀ ସାହୁ
ଜଗଦାନନ୍ଦ ପ୍ରଧାନ

**ମୁଖ୍ୟ ସମ୍ପାଦକ**

ଡି.ଶୁଭମ୍

: ଯୋଗାଯୋଗ

ବାସୁଦେବପୁର, ଭଦ୍ରକ-୭୫୬୧୨୫

ଭ୍ରାମ୍ୟଭାଷ-୯୪୩୮୪୬୭୦୭୯, Email- dshuvam97@gmail.com

ମୂଲ୍ୟ- ୩୦/- (ତିରିଶି ଟଙ୍କା) ମାତ୍ର

**website- www.shyamalasubarna.com**

# 'ଶ୍ୟାମଳ ସୁବର୍ଣ୍ଣ'

(କୃଷି ଭିତିକ ତ୍ରୈମାସିକ ପତ୍ରିକା)

| | |
|---|---|
| ମୁଖ୍ୟ ସମ୍ପାଦକ | :ଡି. ଶୁଭମ୍ |
| ମାର୍ଗଦର୍ଶିକା ଓ ପ୍ରେରଣା | :ଶ୍ରୀମତୀ ମନ୍ଦାକିନୀ ଦାସ/ ଡି. ସ୍ୱାତୀ |
| ଅକ୍ଷର ସଜ୍ଜା | :ଜଗନ୍ନାଥ ସାହୁ |
| ମୁଦ୍ରଣ | :ମିଡ଼ିଆ ସଲ୍ୟୁସନ ଭୁବନେଶ୍ୱର ୯୮୬୧୬୦୧୯୦୦ |
| ପ୍ରଚ୍ଛଦ | :ଜଗନ୍ନାଥ ସାହୁ |
| ଇସଂସ୍କରଣ | :ମହେଶ ଟେକ୍ନୋଲଜି ଭୁବନେଶ୍ୱର, |
| ପ୍ରକାଶନ ସମୟ | :ନଭେମ୍ବର, ୨୦୨୧ |
| ମୂଲ୍ୟ | :- ୩୦/- |


# ସୂଚନା

୧. ଏହା ଏକ କୃଷିଭିତିକ ତ୍ରୈମାସିକ ପତ୍ରିକା

୨. ପ୍ରତି ତିନିମାସରେ ଯଥା ଜାନୁୟାରୀ-ମାର୍ଚ୍ଚ, ଏପ୍ରିଲ-ଜୁନ୍, ଜୁଲାଇ- ସେପ୍ଟେମ୍ବର, ଅକ୍ଟୋବର- ଡିସେମ୍ବରର ପ୍ରଥମ ସପ୍ତାହରେ ପ୍ରକାଶିତ ହୋଇଥାଏ ।

୩. କୃଷି ଭିତିକ ଉପାଦେୟ ଲେଖା ସମ୍ପାଦକଙ୍କ ଠିକଣାରେ ପଠାଇବାକୁ ଅନୁରୋଧ ।

୪. ଆବଶ୍ୟକ ଲେଖା ପ୍ରକାଶନ ଉପଯୋଗୀ ହେଲେ ତାହା ନିଶ୍ଚୟ ପତ୍ରିକାରେ ସ୍ଥାନିତ କରାଯିବ । କୃଷି ସମ୍ବନ୍ଧୀୟ ଗବେଷଣାତ୍ମକ ଲେଖାକୁ ଆମେ ଅଧିକ ଗୁରୁତ୍ୱ ଦେଇଥାଉ ।

୫. ଲେଖା ଗୁଡ଼ିକ ନିର୍ଭୁଲ ଭାବରେ ଡି.ଟି.ପି କରି ମେଲ୍/ ଠିକଣାରେ ପଠାଇବା ବାଞ୍ଛନୀୟ । ଲେଖକଙ୍କ ପୂର୍ଣ୍ଣ ଠିକଣା, ଫଟୋ ଓ ଫୋନ୍ ନମ୍ବର ରହିବା ଆବଶ୍ୟକ

'ଶ୍ୟାମଳ ସୁବର୍ଣ୍ଣ'ର ପ୍ରତ୍ୟେକ ସଂଖ୍ୟା ତଥା କୃଷି ସମ୍ପର୍କିତ ଅଧିକ ଖବର ଜାଣିବା ପାଇଁ ସ୍କାନ କରନ୍ତୁ

'ଶ୍ୟାମଳ ସୁବର୍ଣ୍ଣ'ର ଇ-ସଂସ୍କରଣ ଏବେ ଉପଲବ୍ଧ । ଅନଲାଇନ ଜରିଆରେ ଇ-ପତ୍ରିକା ଦେଖିବା ପାଇଁ ଲଗଅନ୍ କରନ୍ତୁ
www.shyamalasubarna.com



# Message

**Mr G.C. Das**
**Founder, Shyamala subarna**

## SHYAMALA SUBARNA

The economic development of our country mainly depends on agriculture as around 60% of our population are still involved in agriculture and allied sectors. Also, attaining food security will decrease our dependence on imports and further help to increase exports. So, agriculture and allied sector becomes the focal point for the Government. Agriculture is one of the most noble and selfless job. Farmers are the real son of the soil as they provide us with food which is the optimum necessity for our survival. The empowerment of farmers and improvement of the agriculture sector is an absolute necessity of the prevailing times and the youth of our country should shoulder the responsibility. They have a better understanding of the modern technical know how and energy which can be perfectly implemented in agriculture.

The quarterly agriculture magazine **SHYAMALA SUBARNA** has been playing a major role for the development of farming community since 3 years. The magazine is published both in print online edition and has reached more than 40000 readers in its website.

I wish a great future and a successful journey of magazine.

**G .C.Das**



# ପାଠକୀୟ ମତ...

ଓଡ଼ିଶା ଭଳି ଗ୍ରାମବହୁଳ ରାଜ୍ୟରେ କୃଷି ହିଁ ବିକାଶର ସର୍ବୋ□ମ ମାଧ୍ୟମ । କୃଷିର ବିକାଶ ଘଟାଇ କୃଷକ ମନର ନୈରାଶ୍ୟ ଓ ହତାଶାଭାବ ହଟାଇ ଆତ୍ମବିଶ୍ୱାସ ଲକ୍ଷ୍ୟ ନେଇ ପ୍ରକାଶିତ ଏହି କୃଷି ଭି□କ ପତ୍ରିକା 'ଶ୍ୟାମଳ ସୁବର୍ଣ୍ଣ' । ଏହି ମହତ୍ ଅନୁଚି'ନ ଓ ଆଦର୍ଶକୁ ରାଜ୍ୟର କୋଣଅନୁକୋଣରେ ପ୍ରଚାରିତ କରିବାର ସାଧୁଉଦ୍ୟମ ପାଇଁ ଶ୍ରଦ୍ଧେୟ ସମ୍ପାଦକ ଡି. ଶୁଭମଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭଅଭିନନ୍ଦନ । ଏହି ଜନମଙ୍ଗଳକାରୀ ପ୍ରୟାସ ରାଜ୍ୟର କୃଷି ଉତ୍ପାଦନ ବୃଦ୍ଧିରେ ସହାୟକ ହେବା ସହିତ କୃଷକ ମାନଙ୍କ ଆର୍ଥିକ ସ୍ଥିତିକୁ ନିଶ୍ଚିତ ସୁଦୃଢ଼ କରିବ ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ ।

**- ସୁଧାଂଶୁ ଶେଖର ମିଶ୍ର**
**ବାସୁଦେବପୁର, ଭଦ୍ରକ**

'ଶ୍ୟାମଳ ସୁବର୍ଣ୍ଣ' ପତ୍ରିକାର କୃଷି ସମ୍ବନ୍ଧୀୟ ତଥ୍ୟ ଗୁଡ଼ିକ ବେଶ ଶିକ୍ଷଣୀୟ । ଚାଷୀ ମାନଙ୍କୁ ଚାଷ କାମରେ ସାହାଯ୍ୟ କରୁଥିବା ଏ ପତ୍ରିକା ଦୀର୍ଘଜୀବି ହେଉ । ଏହି ପତ୍ରିକାକୁ ଓଡ଼ିଶାର ଘରେ ଘରେ ପହ□ାଇବା ପାଇଁ ସମସ୍ତ ଯୁବବନ୍ଧୁ ଅ□ା ଭିଡ଼ିବା ପାଇଁ ଅନୁରୋଧ ।

**ସୁଦର୍ଶନ ଜେନା ,**
**ନୂଆବଜାର, କଟକ**

ପତ୍ରିକାରେ ନୂତନ ଜ୍ଞାନକୌଶଳ ମାଧ୍ୟମରେ ଚାଷୀମାନଙ୍କ ନିକଟରେ ନୂତନ କୃଷି ଭିତିକ ଟେକ୍ନୋଲଜି କିପରି ପହଁଚିପାରିବ , ସେ ଦିଗରେ କାର୍ଯ୍ୟକ୍ରମ କରିବାକୁ ମୋର ଅନୁରୋଧ । ଶ୍ୟାମଳ ସୁବର୍ଣ୍ଣର ଜୁଲାଇ ସଂଖ୍ୟା ବେଶ ପ୍ରଶଂସନୀୟ । ଶାରଦୀୟ ସଂଖ୍ୟା ଅବସରରେ ମୋର ଆନ୍ତରିକ ଶୁଭକାମନା ।

**- ଶ୍ରବଣ କୁମାର କର ,**
**ଜଗତସିଂହପୁର**

'ନିୟମିତ ଭାବରେ ଶ୍ୟାମଳ ସୁବର୍ଣ୍ଣକୁ ମୁଁ ପଢ଼େ । ଏହାର ପ୍ରତିଟି ସଂଖ୍ୟାର ଆଲେଖ୍ୟ ଗୁଡ଼ିକ କୃଷି ଓ ଚାଷ ଭି□କ ହୋଇଥିବାରୁ ଏହା ଆମ ପରି ପାଠକ ମାନଙ୍କ ପାଇଁ ବେଶ ସାହାଯ୍ୟ ଯୋଗ୍ୟ ହୋଇପାରୁଛି । କୃଷି ବିଜ୍ଞାନୀ ମାନଙ୍କ ଦ୍ୱାରା ପ୍ରକାଶିତ ଏହି ପତ୍ରିକା କୃଷକ ମାନଙ୍କୁ ନିଶ୍ଚିତ ଭାବରେ ସହାଯ୍ୟ କରିବ ।

**- ରାଜା ନାୟକ ,**
**କଳାହାଣ୍ଡି**

ଡ଼ିଜିଟାଲ ମାଧ୍ୟମରେ ଇମାଗାଜିନ ଏବେ ଲୋକଙ୍କ ପାଖରେ ବେଶ ଆଦୃତ ହୋଇଛି । ପ୍ରଚ୍ଛଦ ଠାରୁ ଆରମ୍ଭ କରି ପ୍ରତ୍ୟେକ ପୃଷ୍ଠା ଓ ଏଥିରେ ଥିବା କୃଷି ସମ୍ବନ୍ଧୀୟ ଲେଖା ଗୁଡ଼ିକ ପଠନଯୋଗ୍ୟ । ଆଶା କରିବି ଏହା ସବୁବେଳେ ଚାଷୀର ଉନ୍ନତି ଦିଗରେ କାର୍ଯ୍ୟ କରୁଥାଉ ।

**- ରାଜେଶ ସ୍ୱାଇଁ ,**
**ବାଲେଶ୍ୱର**

# ଆପଣଙ୍କ ସମସ୍ୟା ଆମ ସମାଧାନ

ଚାଷୀ ଓ ଚାଷର ସବୁବେଳେ ଅଙ୍ଗାଅଙ୍ଗୀ ଭାବେ ଜଡ଼ିତ । ଶ୍ୟାମଳ ସୁବର୍ଣ୍ଣ ଚାଷୀ ମାନଙ୍କ ପାଇଁ ସମର୍ପିତ । ପତ୍ରିକା ପ୍ରକାଶନ ଠାରୁ ଆମେ ସଦାସର୍ବଦା ଚାଷୀମାନଙ୍କର ସମସ୍ୟା ଉପରେ ଜାଣିବାକୁ ଚେଷ୍ଟା କରିଛୁ । ଆମ ପାରୁ ପର୍ଯ୍ୟନ୍ତ ଆମେ ଚାଷୀ ମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ଚେଷ୍ଟା କରିଛୁ । ଗତ ସଂଖ୍ୟାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାଷୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଜଣାଇଥିଲେ । ତନ୍ମଧ୍ୟରୁ କେତେକ ବିଶେଷ ସମସ୍ୟା ଗୁଡ଼ିକୁ ଆମ ବିଶେଷଜ୍ଞ ମାନଙ୍କ ଦ୍ୱାରା ସମାଧାନ କରାଯାଇ ନିମ୍ନରେ ଉଲ୍ଲେଖ କରାଗଲା । ଆଶା କରୁଛୁ , ଏମିତି ସମସ୍ୟାର ସମାଧାନ କରି କୃଷକମାନଙ୍କର ସେବା କରିଚାଲୁଥିବ ଶ୍ୟାମଳ ସୁବର୍ଣ୍ଣ ....

**ପ୍ରଃ ଧାନ ଗଛରେ ପତ୍ରପୋଡ଼ା ରୋଗ ବ୍ୟାପୁଛି । ଏଥିପାଇଁ କଣ ସମାଧାନ କରାଯାଇପାରିବ ?**

**(ନଳିନୀ ନାୟକ, ପଣପଣା, ବାଲେଶ୍ୱର)**

**ଉଃ** ଏହା ମୁଖ୍ୟତଃ ଜୀବାଣୁ ଦ୍ୱାରା ହୋଇଥାଏ। ଏହାକୁ ମଧ୍ୟ କ୍ରେସେକ ରୋଗ କୁହାଯାଏ । ଧାନ ତଳି ଅବସ୍ଥାରେ ଏବଂ ଫୁଲ ଅବସ୍ଥାରେ ଏହି ରୋଗ ଦେଖାଯାଏ । ପ୍ରଥମତଃ କ୍ରେସେକ ଅର୍ଥାତ ଝାଉଁଳା ପ୍ରକୃତି ଦେଖାଦିଏ । ଗଛ ଶୁଖିଯିବା ସହିତ ଝଡ଼ି ପଡ଼େ ।ଏହାପରେ ୪-୬ ସପ୍ତାହ ଚାରାର ପତ୍ରର ଉପର ପାର୍ଶ୍ୱରୁ ତଳଯାଏଁ ଶୁଖି ଯିବାର ଦେଖାଯାଏ । ଏହାର ସାମଧାନ ସ୍ୱରୂପ ବିହନକୁ ଷ୍ଟ୍ରେପଟୋସାଇକ୍ଲିନରେ ବିଶୋଧନ କରିବା ଆବଶ୍ୟକ । ଏହାଛଡ଼ା ଏଗ୍ରିମାଇସିନ ୧୦୦ ଗ୍ରାମ୍ ଓ କପର ଅକ୍ସିକ୍ଲୋରାଇଡ଼ ୫୦୦ ଗ୍ରାମକୁ ୫୦୦ ଲିଟର ପାଣିରେ ପକାଇ ୩-୪ଥର ସ୍ପ୍ରେ କରିବା ଆବଶ୍ୟକ । ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ଆବଶ୍ୟକ । ସହନଶୀଳ କିସମ ବ୍ୟବହାର କରିବା ଆବଶ୍ୟକ ।

**ପ୍ରଃ ଆଜୋଲା କ'ଣ ? ଏହାର ଉପଯୋଗିତା କ'ଣ ?**

**(ସେବକ ଶ୍ରୀକାନ୍ତ , କଟକ)**

**ଉଃ** ପୂର୍ବ ବିଶେଷାଙ୍କରେ ଆଜୋଲା ଉପରେ ସଂକ୍ଷିପ୍ତ ଟିପ୍ପଣୀ ପ୍ରକାଶ ପାଇଥିଲା । ତଥାପି ଏ ସଂଖ୍ୟାରେ ଚାଷୀମାନେ ଆଜୋଲା ବିଷୟରେ ଚାଷୀମାନେ ଅଧିକ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିବା ହେତୁ ପୁଣିଥରେ ଏ ଉପରେ ନିମ୍ନରେ ବିସ୍ତୃତ ଭାବରେ ତଥ୍ୟ ପ୍ରଦାନ କରାଗଲା । ପ୍ରଥମତଃ ଆଜୋଲା ଏକପ୍ରକାର ଦଳ । ଏହାର ପତ୍ରଗୋଲରେ ନୀଳହରିତ ଶୈବାଳ ବାସ କରି ଯବକ୍ଷାରଜାନ ନିବନ୍ଧିତ କରେ । ଏହି ଦଳ ଖୁବ୍‌ଶୀଘ୍ର ବଂଶବିସ୍ତାର କରି ବଢିପାରେ । ଧାନ ରୋଇବା ପୂର୍ବରୁ ବା ବେଉଷଣ କରିବାର ୨/୩ ସପ୍ତାହ ଆଗରୁ ଜମିରେ ୪ଇଂଚ ଠିଆ ପାଣି ରଖି ଆଜୋଲା ଦଳ ଛାଡ଼ି ଦିଆଯାଏ । ଏଥିପାଇଁ ହେକ୍ଟର ପିଛା ୧୦୦୦ କିଗ୍ରା ଛଣା ଆଜୋଲା ଦଳ ଆବଶ୍ୟକ । ଏହି ପରିମାଣ ଆଜୋଲା ଦଳ ପାଇବା ପାଇଁ ଆଗରୁ ପୋଖରୀ ବା ପାଣି ଜମି ରହୁଥିବା କୌଣସି ଖାଲୁଆ ସ୍ଥାନରେ ଆଜୋଲା ଦଳର ବଂଶ ବିସ୍ତାର କରିପାରେ ଏବଂ ସେଠାରୁ ସଂଗ୍ରହ କରି ଆଣି ଧାନ ଜମି ରେ ଛଡ଼ାଯାଏ ।

# ଆପଣଙ୍କ ସମସ୍ୟା ଆମ ସମାଧାନ

## ପ୍ରଃ ହାଇଡ୍ରୋପେନିକ୍ସ ପଦ୍ଧତିର ଅପକାରିତା କଣ ?
## (ପ୍ରମୋଦ କୁମାର ପାଢ଼ୀ , ବାସୁଦେବପୁର )

**ଉଃ** ହାଇଡ୍ରୋପନିକ୍ସକୁ ଆମେ ବିନା ମାଟିରେ ଚାଷ ବୋଲି କହିଥାଉ । ଏହା ବ□ମାନ ସମୟର ନୂତନ ଜ୍ଞାନକୌଶଳ ଯୁକ୍ତ ବୈଜ୍ଞାନିକ ପଦ୍ଧତି ଭାବରେ ବେଶ ପରିଚିତି ହାସଲ କରିଛି । ତେବେ ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ । ଗଛ ଗୁଡିକର ଚେର ସମ୍ପୂର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ । ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ । ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ । ଏହା ଲାଭଦାୟୀ ପଦ୍ଧତି ହେଲେମଧ୍ୟ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ । ସାଧାରଣତଃ ଲୋକମାନେ ସ୍ୱଳ୍ପ ଆୟ ହାଇଥିବାରୁ ଏଥିପ୍ରତି ଧ୍ୟାନ ଦେଉନାହାଁନ୍ତି ।

## ପ୍ରଃ ଧାନ ଗଛର ପତ୍ରଖିଆ ପୋକକୁ କିପରି ଚିହ୍ନିବା ?
## (ପ୍ରମୋଦିନୀ ନାୟକ, ସୋରୋ )

**ଉଃ** ପତ୍ରଖିଆ ପୋକର ପୂର୍ଣ୍ଣାଙ୍ଗ ଅବସ୍ଥା ଧଳାରଂଗର ଓ ଏହାର ଡେଣା ଉପରେ ଧୂସର ବା କଳାରଂଗର ଚିହ୍ନ ଥାଏ । ସ୍ତ୍ରୀ କୀଟଟି ପତ୍ର ଉପରେ ୫୦ଟି ଅଣ୍ଡା ଗୋଟା ଗୋଟା କରି ଦେଇଥାଏ ଯାହା ମଧ୍ୟରୁ ୨-୬ ଦିନ ପରେ ଶୁକ ନିର୍ଗତ ହୁଏ । ଫିକା ସବୁଜ ରଂଗର ଏହି ଶୁକ ଗୁଡ଼ିକର ମୁଣ୍ଡ ଧୂସର ରଂଗର ହୋଇଥାଏ । ଶୁକ ଗୁଡ଼ିକ ଧାନର ପତ୍ରକୁ ଛୋଟ ଛୋଟ ଖଣ୍ଡ କରି କାଟି ଦେଇଥାନ୍ତି ଓ ନଳୀ ଆକାରର କେସ୍ ବା ଡବା ଭଳି ଆକାରର ଜିନିଷ ତିଆରି କରି ଏହା ଭିତରେ ରହିଯାଆନ୍ତି । ନଳୀ ଭିତରୁ ବାହାରି ପତ୍ରର ସବୁଜ କଣିକାକୁ କୋରି ଖାଇଥାନ୍ତି । ତେଣୁ ଆକ୍ରାନ୍ତ ପତ୍ରଟିର ଉପରିଭାଗ କାଗଜ ଭଳି ଦେଖାଯାଏ ଓ ପତ୍ରରେ ଧଳା ଧଳା ବଡ଼ ଦାଗ ଦେଖାଯାଏ ।



# ସମ୍ପାଦକୀୟ

ସମସ୍ତେ ଅନେକ କଥା ଦେଖନ୍ତି , ଅନେକ କଥା ଶିଖନ୍ତି । କିନ୍ତୁ ସେସବୁକୁ ଦୈନନ୍ଦିନ ଜୀବନରେ ଉପଯୋଗ କରିବାର ଦୃଷ୍ଟାନ୍ତ ବହୁତ କମ୍ । ଚାଷ ବିଷୟରେ କାହାକୁ ବା ଅଜଣା । ସମସ୍ତେ ଚାଷ କଣ, ଚାଷ କେମିତି ହୁଏ ଜାଣିଛନ୍ତି । କିନ୍ତୁ କେହି କେବେ ସେ କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତିନି । ନିଛକ ସତ କଥାଟି ହେଲା ଏସି ରୁମ୍ ଚୟାର ଟେବୁଲ ଛାଡ଼ି ଏ ବିଲ ବାଡ଼ି କାମ କିଏ ବା କରିବ । ସକାଳ ୧୦ଟା ବାଜିଲେ ଅଫିସ ଯାଅ ଆଉ ସଂଧ୍ୟା ହେଲେ ପାର୍କ ଆଉ ସିନେମା । ଏ କାଦୁଅ ବିଲକୁ ଆମେ ବା କାହିଁ ଯିବୁ । ଯିଏ ତ କରିବା କଥା କରୁଛି , ଆମେ ବଜାର ଯିବୁ , କିଣିବୁ ଖାଇବୁ । ଏ ହେଉଛି ଏବେକାର ସମାଜର ଜ୍ୱଳନ୍ତ ପ୍ରତିଛବି । ଆମେ ନ ମାନିଲେ ବି ଏହା ସତ୍ୟ ।

ଗତବର୍ଷ ମାର୍ଚ୍ଚରୁ ଏବେ ଯାଏଁ ଗୋଟିଏ ଶବ୍ଦ ଯାହା ଆମ ଭିତରେ ଭୟ ସଂଚାର କରି ଚାଲିଛି ସେ ହେଉଛି କରୋନା । ଆଶା ଓ ଆଶଙ୍କାର ଆବରଣରେ ବାନ୍ଧି ହୋଇଯାଇଛନ୍ତି ଜନସାଧାରଣ । ଗୋଟେ ସମୟରେ ସାରା ଭାରତ ଏକପ୍ରକାର ତାଲାବନ୍ଦ ଅବସ୍ଥାରେ ଥିଲା । ଜନଜୀବନ ସ୍ତବ୍ଧ । ସବୁଆଡ଼େ ଖାଁ ଖାଁ । ଏହି ତାଲାବନ୍ଦ ଯୋଗୁଁ ଗରିବ ,ଖଟିଖିଆଙ୍କର କାମଦାମ ଏକପ୍ରକାର ବନ୍ଦ ହୋଇଯାଇଥିଲା । ତେବେ ଏହାରି ଭିତରେ ଥକି ପଡ଼ିନାହିଁ ଚାଷୀ । କାହିଁକି ନା ଯଦି ସେ ବସିପଡ଼ିବ , ଥକିପଡ଼ିବ ତାହେଲେ ଦି ଓଳି ଦାନା ଦି ମୁଠା ପେଟକୁ ଯିବା ସ୍ୱପ୍ନ ହୋଇଯିବ । ସେ ଛୁଟି କଣ ଜାଣିନି । ସେ ଥକ୍କାପଣ କଣ ଜାଣିନି । ସେ ଜାଣିନି ମଉଜମଜିଲିସର ମହକ । କେବଳ ଏତିକି ଜାଣିଛି ସେ ଚଷା ଘରପୁଅ । ଖଟିଲେ ଖାଇବ । ଚାଷ କଲେ ଦୁନିଆ ଚଳିବ । ସବୁଲୋକଙ୍କ ମୁହଁରେ ଖାଦ୍ୟ ଦେବା ପାଇଁ ସେ ଅବିରତ ସଂଗ୍ରାମ କରିଚାଲେ । ସଂଘର୍ଷକୁ ଆଦରି ବେଶ ଖୁସିରେ ନିଜ କର୍ମ ସମ୍ପାଦନ କରେ । ସେଇଥିପାଇଁ ତ ସେ ମହାନ ।

ପ୍ରତିଦ୍ୱନ୍ଦିତା ନୁହେଁ ବରଂ ଏକ ଦୃଢ଼ ପ୍ରତିବଦ୍ଧତାକୁ ସାଥି କରି ଶ୍ୟାମଳ ସୁବର୍ଣ୍ଣ ସବୁବେଳେ ଚାଷୀଙ୍କ ପାଖରେ ପହଁଚିବାକୁ ଚେଷ୍ଟା କରିଛି । ବର୍ତ୍ତମାନ ସମୟ ବଦଳିଛି । ଲୋକଙ୍କ ମନୋଭାବ ବି ପରିବର୍ତ୍ତିତ ହୋଇଛି । ସମ୍ପ୍ରତି ଆଉ ପୁସ୍ତକକୀଟ ହେବାକୁ କେହି ଇଚ୍ଛା କରୁନାହାନ୍ତି । ଅନଲାଇନ ଯୁଗରେ ଏବେ ସବୁ ଡ଼ିଜିଟାଲ ପ୍ଲାଟଫର୍ମ ଉପରେ ବେଶ ନିର୍ଭରଶୀଳ । ସେଥିପାଇଁ ଆମେ ଶ୍ୟାମଳ ସୁବର୍ଣ୍ଣକୁ ଅଧିକରୁ ଅଧିକ ଭାବରେ ଡ଼ିଜିଟାଲ ମାଧ୍ୟମରେ ପାଠକଙ୍କ ପାଖରେ ପହଁଚାଉଛୁ । ଉଭୟ ପୋର୍ଟାଲ ଓ ପତ୍ରିକାକୁ ଅନଲାଇନରେ ଉପଲବ୍ଧ କରାଯାଇଛି । ପାଠକଙ୍କ ସୁବିଧା ନିମନ୍ତେ ଗୋଟିଏ ପ୍ଲାଟଫର୍ମରେ ସବୁ କୃଷିଭିତିକ ତଥ୍ୟକୁ ଏକା ସାଙ୍ଗରେ ପଢ଼ିପାରିବାର ସୁଯୋଗ ଦେଇଛୁ ।

ଶୀତୁଆ ସକାଳର କୁହୁଡ଼ିର ଆବରଣ ଭିତରେ ବି ଆମେ ଥକିନୁ । ପାରୁପର୍ଯ୍ୟନ୍ତ ଚେଷ୍ଟା କରିଛୁ ପତ୍ରିକାର ମାନ ବଢ଼ାଇବା ସହ ତଥ୍ୟଭିତିକ ଆଲେଖ୍ୟ ଉପସ୍ଥାପନ କରିବା ଯାଏଁ । ଏ ଭିତରେ ଶ୍ୟାମଳ ସୁବର୍ଣ୍ଣର ଶାରଦୀୟ ସଂଖ୍ୟା ପ୍ରକାଶ ପାଉଛି । ଆଶା ପୂର୍ବ ପରି ଆପଣ ଏଥରର ପୂଜା ସଂଖ୍ୟାକୁ ବି ବେଶ ଭଲ ପାଇବା ଦେବେ ।

# ଏଥର ସଂଖ୍ୟାରେ...

ଜୟ କିଶାନ୍ ,ଖାଲି ସ୍ଲୋଗାନ୍ !
ମାଛ ହାଟର କଥା
ଅଖ୍ୟାତ ପଲ୍ଲିର ସୁବର୍ଣ୍ଣ
ଚିତାଲାଗି ଅମାବାସ୍ୟା ଓ ଚାଷୀ
ଚାଷ ପାଇଁ ଶ୍ରଦ୍ଧା ଆବଶ୍ୟକ, କୁଣ୍ଠା ନୁହେଁ
ନାନୋ ୟୁରିଆ
କୃଷି କ୍ଷେତ୍ରରେ ଏକ ନୂତନ ବିପ୍ଳବ
ବନ୍ଧାକୋବି ଫସଲରେ କୀଟର ପରିଚାଳନା
ଚକା ତଳେ ଚାଷୀ
ଏଗ୍ରୋ ଟୁରିଜିମ୍ ଓଡ଼ିଶା
ପ୍ରକୃତିପ୍ରେମୀ ଶ୍ରୀନିବାସ ଓ ପଦ୍ମିନୀ
ଜୈବିକ ସାର- ପ୍ରୟୋଗ ଓ ବ୍ୟବହାର
ଶୀତଦିନିଆ ପନିପରିବା ଫସଲରେ ଫ୍ଲି ବିଟିଲ ନିୟନ୍ତ୍ରଣ
ଅନୁଭୂତିରୁ ପଦେ ...
ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ

TheWorkaholic RUPDHAR JANI
Farmers The Real warriors
E-RUPI -A New Monetary Transaction For Farmers
Odisha - The Best Performing State In Millets Production
Kisan Rath



# ଜୟ କିଶାନ୍ ,ଖାଲି ସ୍ଲୋଗାନ୍ !



**ପ୍ରଦୀପ୍ତ ଆଚାର୍ଯ୍ୟ**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର, କଟକ

**ଭା**ରତ ଏକ କୃଷି ପ୍ରଧାନ ଦେଶ । ଜୀବିକାର୍ଜନ ପାଇଁ, ଏହି ଦେଶର ହାରାହାରୀ ୭୦ ଭାଗ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ କୃଷି କାର୍ଯ୍ୟରେ ଜଡିତ । ସିଧା ସଳଖ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥବା ବ୍ୟକ୍ତିଙ୍କ ଅପେକ୍ଷା,କୃଷିଜାତ ଦ୍ରବ୍ୟର ବ୍ୟବସାୟ କରୁଥିବା ଏବଂ କୃଷି ସଂପର୍କିତ ଶିଳ୍ପ ଯଥା କୃଷି ଯନ୍ତ୍ରପାତି,ରାସାୟନିକ ସାର,ପୋକମରା ଔଷଧ ଶିଳ୍ପରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବହୁତ ଅଧିକ । ଜଣେ ଲୋକ ଯେତେବେଳେ ନିଜକୁ ଅସହାୟ ବୋଧକରେ ଏବଂ ନୈରାଶ୍ୟ ର ଶିଖରରେ ଉପନୀତ ହୁଏ,ସେତେବେଳେ ଆତ୍ମହତ୍ୟା ପରି ଦୃଢ ଏବଂ ଚରମ ନିଷ୍ପତି ଗ୍ରହଣ କରିବାକୁ ବାଧ୍ୟ ହୁଏ । ଚାଷୀଟିର ଆତ୍ମହତ୍ୟା ନିମନ୍ତେ ଅନେକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ କାରଣ ଜଡିତ ।ସର୍ବପ୍ରଥମେ ଯେତେବେଳେ ଚାଷୀଟି ଅନୁଭବ କରେ ତାର ପରିଶ୍ରମ ଏବଂ ବ୍ୟୟ ତୁଳନାରେ ଉତ୍ପାଦନ ହ୍ରାସ ପାଇଯାଉଛି,ଏବଂ କୃଷିକାର୍ଯ୍ୟ ନିମନ୍ତେ କରିଥିବା ଋଣ ସହଜରେ ପରିଶୋଧ କରିପାରିବ ନାହିଁ,ସେତେବେଳେ ସେ ଏପରି ପଦକ୍ଷେପ ଗ୍ରହଣ କରେ । ସରକାର କୃଷକ ମାନଙ୍କ ପାଇଁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ,ତାହାର ସୁଫଳ ସେମାନଙ୍କ ପାଖରେ ଅପହଂଚ । ଏଥି ନିମନ୍ତେ କୃଷକ ମାନଙ୍କର ଅଜ୍ଞତା,ଦଲାଲୀ ମାନଙ୍କର ହସ୍ତକ୍ଷେପ ତଥା ସରକାରୀ କର୍ମଚାରୀଙ୍କ ଉଦାସୀନତା ଓ ଦୁର୍ନୀତି ଖୋର ମନୋଭାବ ହିଁ ମୁଖ୍ୟ କାରଣ ।ଯଦି ସରକାରଙ୍କ ଦ୍ୱାରା ପ୍ରବର୍ତିତ ଯୋଜନାଗୁଡିକ ସଠିକ୍ କାର୍ଯ୍ୟକାରୀ ହୋଇପାରନ୍ତା,ତେବେ କୃଷକ ମାନଙ୍କର ଆର୍ଥିକ ମାନଦଣ୍ଡ ହୁଏତ ଅନେକାଂଶରେ ଉନ୍ନତ ହୋଇପାରନ୍ତା । ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ,ନିମ୍ନ କୃଷି ଉତ୍ପାଦନ ଏବଂ ଋଣ ଶୁଝିବାର ଅସମର୍ଥତା ହିଁ ମୁଖ୍ୟ କାରଣ ରୂପେ ପରିଗଣିତ । ନିମ୍ନ କୃଷି ଉତ୍ପାଦନର କାରଣ ଗୁଡିକ ହେଲା ୧) ପରିବର୍ତିତ ପାଣିପାଗ ୨) ପ୍ରାକୃତିକ ବିପର୍ଯ୍ୟୟ ୩) ଆର୍ଥିକ ଦୁରାବସ୍ଥା ଯୋଗୁ ସଠିକ୍ ପରିମାଣର ସାର ଏବଂ କୀଟନାଶକ ପ୍ରୟୋଗ ନକରିବା ।୪)ସଠିକ୍ ବିହନ ଚୟନ ନକରିବା ୫) ଚାଷଜମିର ଉର୍ବରତା ହ୍ରାସ ଏବଂ ୬)ଉନ୍ନତ ପ୍ରଣାଳୀରେ କୃଷିକାର୍ଯ୍ୟ ନିମନ୍ତେ କୃଷକ ନିକଟରେ ଆଧୁନିକ ଜ୍ଞାନ କୌଶଳର ଅଭାବ ଇତ୍ୟାଦି । ଯାହାକିଛି ଉତ୍ପାଦନ ହେଲା,ସେଗୁଡିକରୁ ମଧ୍ୟ କୃଷକ ଠିକ୍ ଭାବରେ ଅର୍ଥ ଆୟ କରିପାରନ୍ତି ନାହିଁ । ତାର କାରଣ ଗୁଡିକ



ହେଲା, ୧)ଅନିୟନ୍ତ୍ରିତ ବଜାର ୨)ସଂରକ୍ଷଣର ସମସ୍ୟା ୩)ବ୍ୟବସାୟୀ ମାନଙ୍କର ଏକଚାଟିଆ ହସ୍ତକ୍ଷେପ ୪) କୃଷି ସହାୟକ ସାମଗ୍ରୀ ଯଥା ବିହନ,ସାର ଓ ଔଷଧର ଅହେତୁକ ମୂଲ୍ୟ ବୃଦ୍ଧି ୫) ମହାଜନ ଠାରୁ ଉଚ୍ଚ ସୁଧରେ ଆଣିଥିବା ଋଣର ପରିଶୋଧ ୬) ଜମି ମାଲିକ ଠାରୁ ଭାଗ ସୁତ୍ରରେ ଆଣିଥିବା ଜମିର ଦେୟ ପ୍ରଦାନ ଇତ୍ୟାଦି । ରୁଗଣ୍ ସରକାରୀ ଯୋଜନା,ସବସିଡ୍ ଅର୍ଥ ବାଟମାରଣା,ପାରିବାରିକ ସମସ୍ୟା,ଅତ୍ୟଧିକ ମାନସିକ ଚାପ ଇତ୍ୟାଦି ମଧ୍ୟ ଆତ୍ମହତ୍ୟାର ଅନ୍ୟତମ କାରଣ । ଉପରୋକ୍ତ ଆଲୋଚ୍ୟ ତଥ୍ୟ ଗୁଡିକ କୃଷକର ପ୍ରକୃତରେ ବାସ୍ତବ ସମସ୍ୟା । ଭାରତରେ କୀଟନାଶକ ପାନ ଜନୀତ ଚାଷୀ ଆତ୍ମହତ୍ୟା ଏକ ଜାତୀୟ ବିପତି ରୂପେ ପରିଗଣିତ ହେଉଅଛି ।୨୦୧୪ରେ ଏକ ସର୍ବେକ୍ଷଣରୁ ଜଣା ପଡିଛି ଯେ ,କେବଳ ମହାରାଷ୍ଟ୍ରରେ ଦୈନିକ ହାରାହାରୀ ଦଶଜଣ ହିସାବରେ ସମୁଦାୟ ଷାଠିଏ ହଜାର କୃଷକ ଆତ୍ମହତ୍ୟାକରିଛନ୍ତି । ଭାରତର ନ୍ୟାସନାଲ କ୍ରାଇମ ରେକର୍ଡସ ବ୍ୟୁରୋର ତଥ୍ୟାନୁଯାୟୀ ୧୯୯୫ ରୁ ୨୦୧୩ ସୁଦ୍ଧା ଦେଶରେ ୨,୯୬.୪୩୮ ଜଣ କୃଷକ ଆତ୍ମହତ୍ୟାକରିଛନ୍ତି । ଭାରତରେ ସମୁଦାୟ ଆତ୍ମହତ୍ୟାର ୧୧.୨ ଭାଗ ହେଉଛି ଚାଷୀ ଆତ୍ମହତ୍ୟା । ଆମକୁ ଆହାର ଯୋଗାଉଥିବା ଚାଷୀ,ଆଜି ସରକାରଙ୍କ ପ୍ରବର୍ତିତ ନୂତନ କୃଷି ଆଇନ ବିରୁଦ୍ଧରେ ରାଜରାସ୍ତାରେ ଆନ୍ଦୋଳନରତ । ନୂତନ କୃଷି ଆଇନ କୃଷକ ମାନଙ୍କୁ କେତେ ସହାୟକ ହେବ ?ଏହାଦ୍ୱାରା ସେମାନେ ଲଭବାନ୍ ହେବେ କି ନାହିଁ ? ସରକାରଙ୍କ ପ୍ରତିନିଧି,କୃଷକ ମାନଙ୍କୁ ଏବାବଦରେ କେତେଦୁର ବୋଧଗମ୍ୟ କରାଇଛନ୍ତି ?ନିରୀହ କୃଷକ ମାନେ ପକୃତରେ ଏ ଆଇନର ହାନୀକାରକ ଦିଗକୁ ବୁଝିଛନ୍ତି ବା କାହାଦ୍ୱାରା ଭ୍ରମାତ୍ମକ ତଥ୍ୟ ପ୍ରାପ୍ତ ହୋଇ ବାଟବଣା ହେଉଛନ୍ତି ? ତାହା ଆଜିର ବିଚାର୍ଯ୍ୟ ବିଷୟ । ସରକାର ଏଯାବତ୍ କୃଷକ ମାନଙ୍କ ପାଇଁ କୌଣସି ଆଖିଦୃଷ୍ଟିଆ ଯୋଜନା ପ୍ରଣୟନ କରିପାରି ନାହାନ୍ତି କିମ୍ବା ପ୍ରଣୀତ ଯୋଜନାଗୁଡିକର ସୁଫଳ ସେମାନଙ୍କ ପାଖରେ ପହଂଚାଇ ପାରି ନାହାନ୍ତି ଏହା ନିରାଟ ସତ୍ୟ ।ଯଦି ସରକାର ଚାଷୀ ମାନଙ୍କ ନିମନ୍ତେ ଆନ୍ତରିକତାର ସହିତ,କେତେଗୁଡିଏ ନ୍ୟୁନତମ ଆବଶ୍ୟକତା ପୁରଣ ପାଇଁ ପଦକ୍ଷେପ ଗ୍ରହଣ କରନ୍ତେ,ତେବେ ଚାଷୀ ଆତ୍ମହତ୍ୟାକୁ ଅନେକାଂଶରେ ରୋକା ଯାଇପାରନ୍ତା ।

ସେଗୁଡିକ ହେଲା ୧) ବ୍ୟାପକ ଜଳସେଚନ ବ୍ୟବସ୍ଥାର ସୁବିଧା ପ୍ରଦାନ ୨) ସାଧାରଣତଃ ଚାଷୀଟିଏ ମୌସୁମୀ ବର୍ଷା ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାଏ ,ଯେଉଁଥିପାଇଁ ତାକୁ ଶ୍ରମ କିମ୍ବା ଅର୍ଥ ବ୍ୟୟ କରିବାକୁ ପଡେ ନାହିଁ । କିନ୍ତୁ କୃତ୍ରିମ ଜଳସେଚନ ନିମନ୍ତେ ଶ୍ରମ ଓ ଅର୍ଥ ଉଭୟ ଆବଶ୍ୟକ । ତେଣୁ ସରକାର ଉଠାଜଳସେଚନ ପାଇଁ ନିଶୁଳ୍କ ବିଦ୍ୟୁତ ବ୍ୟବହାରର ବ୍ୟବସ୍ଥା କରାଇବା ଦରକାର । ୩)କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକ ଅର୍ଥ କମ୍ ସୁଧରେ କିମ୍ବା ବିନା ସୁଧରେ ଯୋଗାଇଦେବା ଦରକାର । ୪) କୃଷି ନିମନ୍ତେ ବ୍ୟାଙ୍କ ଋଣପ୍ରଦାନରେ କୋହଳ ନିୟମ ପ୍ରଣୟନ ଆବଶ୍ୟକ ୫) ଫସଲହାନୀ ନିମନ୍ତେ ବାଧ୍ୟତାମୁଳକ କୃଷି ବୀମା କରାଇବା ଦରକାର ୬) ଶସ୍ୟ ସଂରକ୍ଷଣ ପାଇଁ ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ ୭)ଲାଭଖୋର ବ୍ୟବସାୟୀଙ୍କ କବଳରୁ ରକ୍ଷା ପାଇବା ପାଇଁ ନିୟନ୍ତ୍ରିତ ବଜାର ସୃଷ୍ଟି ୮)ପାରମ୍ପରିକ ଶସ୍ୟ ବ୍ୟତୀତ ଅନ୍ୟାନ ଅର୍ଥକାରୀ ଚାଷ ଯଥା-ପଶୁପାଳନ, ମତ୍ସଚାଷ,ଫୁଲଚାଷ,ମହୁଚାଷ,କୁକୁଡା ବତକ ଇତ୍ୟାଦି ପକ୍ଷୀ ପାଳନ,କୃଷି ସଂଲଗ୍ନ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ୯)ଆଧୁନିକ କୃଷି ପ୍ରଣାଳୀରେ ଚାଷ କରିବା ପାଇଁ ତାଲିମ ଇତ୍ୟାଦିକୁ ଅଗ୍ରାଧୀକାର ଦେବା ଉଚିତ୍ ।୧୦)ଯୁବକ ମାନଙ୍କୁ ଅଧିକରୁ ଅଧିକ ବୈଷୟିକ ଶିକ୍ଷା ପ୍ରଦାନର ସୁଯୋଗ ସୃଷ୍ଟିକରି,ସେମାନଙ୍କୁ ସରକାରୀ ନିଯୁକ୍ତି ପଛରେ ନଗୋଡାଇ ,କୃଷିକାର୍ଯ୍ୟ ଦ୍ୱାରା ସ୍ୱାବଲମ୍ବୀ ହେବାର ମାନସିକତା ରେ ବ୍ରତୀ କରାଇବା ଉଚିତ ।

ଯେଉଁ ଅନ୍ନଦାତା ମାନଙ୍କ ଶ୍ରମ ଫଳରେ ଆମେ କ୍ଷୁଧା ନିବାରଣ ପାଇଁ ସମର୍ଥ, ଯାହାଙ୍କର ନିଷ୍ଠା ଦ୍ୱାରା, ଆମେ ଖାଦ୍ୟଦ୍ରବ୍ୟରେ ସ୍ୱାବଲମ୍ବୀ, ସେମାନେ ଆଜି ଆର୍ଥିକ ଅନାଟନ ଯୋଗୁ ଆତ୍ମହତ୍ୟା ପ୍ରବଣ । ସରକାର ତଥା ଜନସାଧାରଣ ସମସ୍ୟାର ଗାମ୍ଭୀର୍ଯ୍ୟତାକୁ ହୃଦୟଙ୍ଗମ କରି ଯଦି ସେମାନଙ୍କର ଉନ୍ନତି କଳ୍ପେ କିଛି ବିକଳ୍ପ ଚିନ୍ତା ନକରିବା,ତେବେ ଭବିଷ୍ୟତରେ ପରିସ୍ଥିତିର ଭୟାବହତାକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେବା ଅବଶ୍ୟମ୍ଭାବୀ ।



# ମାଛ ହାଟରେ କଥା



ଡ. ଗଣେଶ ଚନ୍ଦ୍ର କୁଣ୍ଡ
(ଓ.ୟୁ.ଏ.ଟି)ବ୍ରହ୍ମପୁର

କଥାରେ ଅଛି "ମାଛ ଯାହାର ଆହାର, ରୋଗ ନାହିଁ ତାହାର" । ସପ୍ତାହ ରେ କେତେ ଗୁଡିଏ ଦିନ ଅଛି, ଯଦି ମାଛ ତରକାରୀ ଟିକେ ପାଟିରେ ନବାଜେ ତେବେ ଦିନଟା ବେକାର ହୋଇଗଲା ବୋଲି ମନେ ହୁଏ । ଗତ ସପ୍ତାହ ର କଥା, ମାଛ କିଣିବା ପାଇଁ ମୁଁ ହାଟ କୁ ଯାଇଥାଏ । ବିଭିନ୍ନ ପ୍ରକାର ର ମାଛ ଦେଖିବା ସହିତ ତାହାର ମୂଲ୍ୟ ପରଖୁ ଥାଏ । ଠିକ୍ ସେତିକିବେଳେ ପଛ ରୁ କିଏ ଜଣେ କହିଲେ, ସାର୍ ଆଜି କ'ଣ ମାଛ ହାଟରେ । ବୁଲିପଡି ଦେଖିଲି, ସେ ଆମ ଅଂଚଳ ର ଅଭୟ ବାବୁ । ହାଟ ପାଖରେ ବାବୁଙ୍କ ଘର । ଅଭୟ ବାବୁ ଜଣେ ଶିକ୍ଷିତ ଓ ସଚେତନ ନାଗରିକ । ସେ ସବୁ ବିଷୟରେ ଜାଣିବା ପାଇଁ ଯେଉଁ ପ୍ରଶ୍ନ ଗୁଡା ପଚାରନ୍ତି ତାହା ଅନେକ ଲୋକଙ୍କୁ ବେଳେବେଳେ ଅଖାଡୁଆ ଲାଗେ । କିନ୍ତୁ ତାଙ୍କର ଉଦେଶ୍ୟ ମନ୍ଦ ନଥାଏ ।

ଯେମିତିକି, ଯଦି ଡାକ୍ତରଖାନ ର କୌଣସି କର୍ମଚାରୀ ଦେଖା ହେଇଗଲେ, ଅଭୟ ବାବୁ ତାଙ୍କୁ ପଚାରନ୍ତି ଡାକ୍ତରଖାନା ରେ ଡାକ୍ତର ଙ୍କ ସଂଖ୍ୟା ଅଭାବ ହେବାର କାରଣ ?, ଯଦି କେହି ଶିକ୍ଷକ ଦେଖା ହେଇଗଲେ, ସରକାରୀ ଆଉ ବେସରକାରୀ ସ୍କୁଲ ମଧ୍ୟ ରୁ କଉଠି ଭଲ ପାଠ ପଢା ହଉଚି ?, ପେଟ୍ରୋଲ ପମ୍ପ ରେ ତେଲ କିଣିବା ବେଳେ, ପେଟ୍ରୋଲ ର ମୂଲ୍ୟ ବୃଦ୍ଧି ହେବାର କାରଣ କ'ଣ ?, ଜଳସେଚନ କର୍ମଚାରୀ ଙ୍କୁ, କେନାଲ ରେ ପାଣି କେବେ ଆସିବ ?, ରାଜନୀତି କରୁଥିବା ଲୋକଙ୍କୁ, ବ୍ଲକ ରେ ଜନକଲ୍ୟାଣ କାର୍ଯ୍ୟ କେମିତି ଚାଲିଛି ?, ଜୀବନ ବୀମା କର୍ମଚାରୀ ଙ୍କୁ, ନୂଆ ପଲିସି ବିଷୟରେ କିଛି କୁହନ୍ତୁ, ଏମିତି ଅନେକ ପ୍ରଶ୍ନ । ଅଭୟ ବାବୁ ମୋତେ ଲକ୍ଷ୍ୟ କରି କହିଲେ, ମନେ ମନେ ବହୁତ ଖୋଜୁଥିଲି ଯାହା ହଉ, ଆପଣ ଆଜି ଠିକ୍ ଜାଗାରେ ଦେଖା ହେଇଗଲେ । ଆପଣ ମାଛ ବିଷୟରେ ପଢାଉଛନ୍ତି, ଆପଣ ଙ୍କ ର ଜ୍ଞାନ ଅଧିକ । ଟୁନା ମାଛ ର ଉପାଦେୟତା ଉପରେ କିଛି କୁହନ୍ତୁ ?, ମାଛ ଆମେ କାହିଁକି ଖାଇବୁ ?, ସ୍କୁଲ ରେ ପିଲା ମାନଙ୍କୁ ଟୁନା ମାଛ ଖାଇବାକୁ ଦିଆଯିବାର କାରଣ କ'ଣ ?, ମାଛ ତେଲ କ'ଣ ? ଏହା ଆମ ପାଇଁ କାହିଁକି ଦରକାରୀ ? କିଛି ସୂଚନା ଦିଅନ୍ତୁ । ସେ ମାଛ ବିସ୍କୁଟ କ'ଣ ?, ଆମେ ଖାଇବା ଦରକାର କି ନାହିଁ ? ଟିକେ ବୁଝିଲା ଭଳିଆ କୁହନ୍ତୁ । ପ୍ରାୟତଃ ଅଭୟ ବାବୁ ଯେଉଁ ଠାରେ ଚର୍ଚ୍ଚା ଆରମ୍ଭ କରନ୍ତି, ସେଠାରେ ଲୋକ ଗହଳି



ଦେଖାଯାଏ । ସବୁ ପ୍ରଶ୍ନ ଶୁଣିବା ପରେ, ସାମାଜିକ ଦୂରତା ରକ୍ଷା କରି, ପ୍ରଶ୍ନ ଗୁଡିକର ଉ□ର ଅତି ସଂକ୍ଷେପ ଓ ଆଲୋଚ଼ନା ମାଧ୍ୟମ ରେ ବୁଝାଇବାକୁ ଚେଷ୍ଟା କଲି । ମିଳିତ ଜାତିସଂଘର ଆନ୍ତର୍ଜାତୀୟ ଶିଶୁ ଜରୁରୀକାଳୀନ ପାଣ୍ଠି (ୟୁନିସେଫ୍) ର ତଥ୍ୟ ଅନୁଶାରେ, ଆମ ଦେଶରେ ପିଲା ଙ୍କ ମଧ୍ୟରେ ପୁଷ୍ଟିହୀନତା ଏକ ଚ଼ିନ୍ତାଜନକ ବିଷୟ ।

ଗ୍ରାମା*ଚଳରେ ପୁଷ୍ଟିହୀନତା ବିଶେଷ ଭାବରେ ଦେଖାଯାଇଥାଏ । ଶିଶୁ ଓ ପ୍ରାପ୍ତ ବୟସ୍କ ଲୋକ ମାନଙ୍କର ଉତମ ସ୍ୱାସ୍ଥ୍ୟ ପାଇଁ ମାଛ ଖାଇବା ଆବଶ୍ୟକ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ର ପରାମର୍ଶ ଅନୁସାରେ, ଜଣେ ବ୍ୟକ୍ତି ବର୍ଷ କୁ ଅତି କମ ରେ ୧୧ କେଜି ମାଛ ଖାଇବା ଆବଶ୍ୟକ । ଆମ ରାଜ୍ୟରେ ଲୋକମାନେ ମାଛ ର ଗୁରୁତ୍ୱକୁ ଉପଲବ୍ଧି କଲେଣି, ତେଣୁ ଦିନକୁ ଦିନ ମାଛ ର ଚ଼ାହିଦା ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟ ରେ ଏବେ ମୁଣ୍ଡ ପିଛା ମାଛ ଆହରଣ ୧୬.୨୪ କେଜି କୁ ବୃଦ୍ଧି ପାଇଲାଣି । ଆମକୁ ସୁସ୍ଥ ରହିବା କୁ ହେଲେ ଖାଦ୍ୟରେ ଅଧିକରୁ ଅଧିକ ପରିମାଣ ର ମାଛ ସାମିଲ କରିବା ଦରକାର । ଚୂନା ମାଛ ଗୁଡିକରେ ସମସ୍ତ ପ୍ରକାର ଖଣିଜ ପଦାର୍ଥ ଥାଏ ଏବଂ ଏହି ଚୂନା ମାଛ ରୁ ଭିଟାମିନ ଏ, ଡି ଓ ବି ମିଳିଥାଏ । ସାଧାରଣତଃ ଆମ୍ଭ ?ମାନେ ଚୂନା ମାଛ ଗୁଡିକର ମୁଣ୍ଡ ଓ କ[। ସମ୍ପୂର୍ଣ ଖାଇଥାଉ, ଯାହାର କି ଉପାଦେୟତା ଅଧିକ ଥାଏ । ଚୂନା ମାଛ ରେ ଅଧିକ ପରିମାଣର ସୂକ୍ଷ୍ମ ପୁଷ୍ଟିସାର ଥାଏ, ତେଣୁ ଚୁନା ମାଛ ଖାଇବା ଦ୍ୱାରା ପିଲାମାନେ ଅଧିକ ବୁଦ୍ଧିମାନ ହୋଇଥାନ୍ତି । ସୁସ୍ଥ ମସ୍ତିସ୍କ ବୃଦ୍ଧି ହେବା ସହିତ ଚ଼କ୍ଷୁ ସୁସ୍ଥ ରହେ, ରକ୍ତହୀନତା ଦୂର ହୁଏ । ହାଡ ଓ ଦାନ୍ତ ଶକ୍ତ ଓ ସୁସ୍ଥ ରହେ । ମାଛ ରେ ପୁଷ୍ଟିସାର ଅଧିକ ଥିବାରୁ ଏହା ଗର୍ଭାବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା ଓ ଶିଶୁ ଙ୍କ ପାଇଁ ଅଧିକ ଉପଯୋଗୀ ଅଟେ । ମାଛ ତେଲ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ଅଟେ । ଓମେଗା-୩ ଫ୍ୟାଟି ଏସିଡ୍, ଭିଟାମିନ୍ ଅଧିକ ପରିମାଣରେ ମାଛ ତେଲରେ ଥାଏ । ମାଛ ତେଲ ଯନ୍ତ୍ରଣା ଓ ମାନସିକ ଚ଼ାପ ହ୍ରାସ କରିଥାଏ । ମାଛ ତେଲ ହୃଦୟ ପାଇଁ ଭଲ ବୋଲି ବିବେଚ଼ନା କରାଯାଏ । ଏହା ରକ୍ତ ଜମାଟ ବାନ୍ଧିବା ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ । ପ୍ରତିଦିନ ମାଛ ତେଲ ବ୍ୟବହାର କରିବା ଦ୍ୱାରା ହୃଦଘାତ ହବାର ସମ୍ଭାବନା କମିଯାଏ । ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଇଁ ଏହା ଲାଭଦାୟକ ଅଟେ ।

ପଞ୍ଜାବ ର ଗୁରୁ ଅଙ୍ଗଦ ଦେବ ପ୍ରାଣୀ ଚ଼ିକିତ୍ସା ଏବଂ ପ୍ରାଣୀ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ଦ୍ୱାରା ମାଛ ବିସ୍କୁଟ ପ୍ରସ୍ତୁତ କରାଯାଇଛି । ଯାହାକି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । କରୋନା ମହାମାରୀ ଆସିବା ପରେ, ଲୋକମାନେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଇବାକୁ ପସନ୍ଦ କରୁଛନ୍ତି । ତେଣୁ ହାଇ ପ୍ରୋଟିନ ଯୁକ୍ତ ମାଛ ବିସ୍କୁଟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଖୁବ୍ ସହାୟକ ହେବ ବୋଲି ଆଶା କରାଯାଏ । ବିସ୍କୁଟ ପ୍ରସ୍ତୁତକାରୀ ଙ୍କ କହିବା ଅନୁସାରେ, ଏହି ବିସ୍କୁଟ ସାଧାରଣ ବିସ୍କୁଟ ତୁଳନାରେ ମହଙ୍ଗା ଅଟେ କିନ୍ତୁ ଏହା ଔଷଧ ଭଳି କାମ କରିବ । ସବୁ ଶୁଣି ସାରିବା ପରେ ଅଭୟ ବାବୁ କହିଲେ, ଧନ୍ୟବାଦ ଆଜ୍ଞା, ମାଛ ଆମ ସ୍ୱାସ୍ଥ୍ୟ ପାଇଁ ଏତେ ଉପକାରୀ ଜାଣି ବହୁତ ଖୁସି ଲାଗିଲା । ଆଉ ଅଭୟ ବାବୁ ଙ୍କ କଣ୍ଠ ରୁ ଭାସି ଆସୁଥିଲା ..

ମତ୍ସ୍ୟ ରୂପେ ସୃଷ୍ଟି ତୋର ମଧୁର ଓ ଲୁଣି ପାଣିରେ,ଲୋଡା

ହୁଅ ଖାଦ୍ୟ ଓ ସ୍ୱାସ୍ଥ୍ୟ ପାଇଁ ପୁଣି ସୌନ୍ଦର୍ଯ୍ୟ ବୃଦ୍ଧିରେ ।



# ଅଖ୍ୟାତ ପଲ୍ଲିର ସୁବର୍ଣ୍ଣ



ପ୍ରଭାତ କୁମାର ବୈଦ୍ୟ
(ରାୟଗଡା)

କୃଷି ମଣିଷର ଉତମ ବନ୍ଧୁ । କୃଷି ବିନା ମଣିଷର ଅସ୍ତିତ୍ୱ କିଛି ନାହିଁ । ଏବଂ ମଣିଷର ହାତ ନବାଜିଲେ କୃଷି ଜାତୀୟ ଦ୍ରବ୍ୟ ର ଚ଼ାହିଦା ନାହିଁ । ଆମେତ ଅନେକ ପ୍ରକାରର ଶସ୍ୟ ଦେଖିଛେ ଏବଂ ଅଳ୍ପ ବହୁତ ଜାଣିଛେ । ହେଲେ ଆଜିର କୃଷି ସମାଜ ରେ ମୁଁ ଏକ ଏମିତି ଜିନିଷ ବିଷୟରେ କହିବାକୁ ଯାଉଛି ତାହା ଆପଣ ମାନେ ଶୁଣିଲେ ସ୍ତବ୍ଧ ହେଇଯିବେ । 'କଳାଜିରା ଧାନ', ଯାହା ଆଜିର ଦିନରେ ଗୋଟେ ଲୋକପ୍ରିୟର ମାନ୍ୟତା ପାଇଛି ଏବଂ ଏହାକୁ ଏକ ସ୍ୱତନ୍ତ୍ର ଶସ୍ୟ ରୂପେ ବିବେଚ଼ନା କରାଯାଇଅଛି ।

ସେଦିନ ଥିଲା ୨୦୧୯ ମସିହା ମାର୍ଚ୍ଚ ମାସ ୧୬ ତାରିଖ । ମୁଁ ଟିଭି ସମାଚ଼ାର ଦେଖୁ ଦେଖୁ ହଠାତ ନଜର ପଡିଲା ବ୍ରେକିଙ୍ଗ ସମାଚ଼ାର ଉପରେ । ଯାହା ମୋ ପାଇଁ ଥିଲା ଅତୁଳନୀୟ ,ଅବାଂଛିତ ଓ ଅବାସ୍ତବ । ମୁ ଦେଖିଲି ଗୋଟେ ଆଦିବାସୀ ବୃଦ୍ଧା ଦେହରେ ଭଲ ଲୁଗା ନାହିଁ ମୁହଁ ରେ ଚ଼ମକ ନାହିଁ ଓ ବାହୁରେ ବଳ ନାହିଁ । ସେ ଠିଆ ହେଇଛି ଆମ ଭାରତର ରାଷ୍ଟ୍ରପତି ମୋହଦୟ ଶ୍ରୀଯୁକ୍ତ ରାମନାଥ କୋବିନ୍ଦ ଙ୍କ ପାଖରେ ଏବଂ ତାଙ୍କ ଠାରୁ ଗ୍ରହଣ କରୁଛି ଏକ ବିରାଟ ସମ୍ମାନ । ଅବିଶ୍ୱସନୀୟ ହେଇଥିଲେ ମଧ୍ୟ କଥା ଟା ପୁରପୁରି ସତ ।

ସୁଦୂର କୋରାପୁଟ ଜିଲ୍ଲାର ପାତ୍ରପୁଟ ଗ୍ରାମରୁ ଏ ବୃଦ୍ଧା ଏତେବାଟ ଆସିଲା କିପରି,କିଏ ତାକୁ ଆଣିଲା । ଏସବୁ ମନରେ ଉଙ୍କି ମାରୁଥାଏ । କିଛି ସମୟ ଟିଭି ଦେଖିଲା ପରେ ଅସଲ କଥାଟା ଜାଣିବାକୁ ପାଇଲି ।



**ନା ଟି ତାର କମଳା ପୂଜାରୀ ବୟସ ପାଖାପାଖି ୭୦ ବର୍ଷ ,ଅଂଟା ନଇଁ ଗଲାଣି ,ଦେହରେ ଚର୍ମ ଧୁଡୁଧୁଡି ହେଇଗଲାଣି । ହେଲେ ବି ତା ମନରେ ଥିବା ଉତ୍କଣ୍ଠା ଓ ସଂଘର୍ଷ ବଳରେ ଆଜି ଏତେଦୂର ପହଁଚି ପାରିଛି । ପଦ୍ମଶ୍ରୀ ଉପାଧି ପାଇ ସେ ନବ କୃଶକ ମାନଙ୍କ ସଫଳତାର ପ୍ରତୀକ ହେଇପାରିଛି ।**

## କାହିଁକି ଓ କିପରି ସେ ପଦ୍ମଶ୍ରୀ ଉପାଧିର ଅଧିକାରୀ ହୋଇପାରିଥିଲା ?

ଓଡିଶାର କୋରାପୁଟ ଜିଲ୍ଲାର ଏକ ଆଦିବାସୀ ପ୍ରାଧାନ୍ୟ ଗ୍ରାମରେ ଏକ ଗରିବ ପରିବାରରେ ଜନ୍ମ ହେଇଥିବା କମଳା ପୂଜାରୀ ସର୍ବଦା ପାରମ୍ପରିକ ଧାନ ମଞ୍ଜି ସଂଗ୍ରହ ପାଇଁ ଜଣାଶୁଣା । ମାର୍ଚ୍ଚ ୧୬ ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଥିବା ବେଳେ କମଳାଙ୍କ ଉଦ୍ୟମ କୁ ଜାତୀୟ ସ୍ତରରେ ସ୍ୱୀକୃତି ଦିଆ ଯାଇଥିଲା । କମଳା ତାଙ୍କ କଠିନ ପରିଶ୍ରମ ଏବଂ ନିଷ୍ଠା ପାଇଁ ଏହା ପ୍ରଥମ ଥର ନୁହେଁ ଏହା ପୂର୍ବରୁ ସେ ୨୦୦୪ ରେ ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ଶ୍ରେଷ୍ଠ ମହିଳା କୃଶକ ସମେତ ଅନେକ ପୁରସ୍କାର ଗ୍ରହଣ କରିଥିଲେ । ସେ ସର୍ବଦା ପାରମ୍ପରିକ ଚାଷ ପାଇଁ ଉତ୍ସର୍ଗୀକୃତ ,ଏଥିପାଇଁ ଓଡିଶାର ଜୟପୁରରୁ ମୌଳିକ ଚାଷ କୌଶଳ ଶିଖିଥିଲେ । କମଳା ତାଙ୍କ ଗ୍ରାମର ଅନ୍ୟ କେତେକ ମହିଳାଙ୍କ ସହ ଏକ ବିହନ ବ୍ୟାଙ୍କ ଗଠନ କରିବାରେ ସାହାଯ୍ୟ କରିଥିଲେ । ତାଙ୍କର ପ୍ରଶିକ୍ଷଣ ସମାପ୍ତ ହେବା ପରେ କମଳା ଅନ୍ୟ ଲୋକଙ୍କୁ ଏବଂ ସହକର୍ମୀ ମାନଙ୍କୁ ରାସାୟନିକ ସାର ବ୍ୟବହାର ବନ୍ଦ କରିବାକୁ ଉତ୍ସାହିତ କରିଥିଲେ । ଏବଂ ସେ କିଛି ସହପାଠୀ ଗୋଷ୍ଠୀ ଗଠନ କରି ନିକଟସ୍ଥ ଗ୍ରାମଗୁଡିକରେ ଜୈବିକ ଚାଷ ବିଷୟରେ ସଚେତନ ସୃଷ୍ଟି କରିବାପାଇଁ ଘର ଘର ବୁଲିଥିଲେ । ସେମାନଙ୍କ ଉଦ୍ୟମର ଫଳସ୍ୱରୂପ କୃଷକମାନେ ପାଟପୁର ଗ୍ରାମ ତଥା ନବରଙ୍ଗପୁର ଜିଲ୍ଲା ପଡୋଶୀ ଗ୍ରାମରେ ରାସାୟନିକ ଚାଷ ଛାଡିଥିଲେ । ୨୦୧୮ ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ରାଜ୍ୟ ଯୋଜନା ବୋର୍ଡ କମଳାଙ୍କୁ ଏହାର ଅନ୍ୟତମ ସଦସ୍ୟ ଭାବରେ ଯୋଡିଥିଲା । କମଳା ପୂଜାରୀ ସର୍ବଦା ପାରମ୍ପରିକ ଧାନ ମଞ୍ଜି ସହିତ ଆକର୍ଷିତ ହୋଇଆସୁଛି । ଏହାଦ୍ୱାରା ସେ ତାଙ୍କ ଜମିରେ ଧାନଚାଷ କଲେ ଯାହାଦ୍ୱାରା ସେ ଏହି ଶସ୍ୟ ଗୁଡିକୁ ଅଧିକ ଅଙ୍କୁରିତ କରିପାରିଲେ ।ବର୍ଷ ବର୍ଷ ଧରି କମଳା ସଫଳତାରସହ ଶହ ଶହ ସ୍ୱଦେଶୀ ପ୍ୟାଡୀ ସଂରକ୍ଷଣ କରି ରଖିଛନ୍ତି ଏବଂ ଧାନ,ହଳଦୀ,ତିଳି ,କଳାଜୀରା ଓ ମହାକାନ୍ତ ସମେତ ଅନେକ ବିଲୁପ୍ତ ତଥା ବିରଳ ପ୍ରକାରର ମଞ୍ଜି ସଂଗ୍ରହ କରିଛନ୍ତି । ପ୍ରାୟତଃ "ଧାନମଞ୍ଜି ସଂରକ୍ଷଣକାରୀ" କୁହାଯାଏ କମଳାଙ୍କୁ । ତାଙ୍କ ଉଦ୍ୟମକୁ ଜାତୀୟ ସ୍ତରରେ ସ୍ୱୀକୃତୀ ଦିଆଯାଇଥିଲା ଯେତେବେଳେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ମାର୍ଚ୍ଚ ୧୬ ରେ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ । ଏହିପରି ଭାବରେ କମଳା ପୂଜାରୀ ବିଲୁପ୍ତ ଖାଦ୍ୟ ଶସ୍ୟକୁ ସଂଗ୍ରହ କରି ଆଗକୁ ବଢିଥିଲେ । ଏବଂ ସେ ସର୍ବଦା ଅନ୍ୟମାନଙ୍କ ପାଇଁ ଗୋଟିଏ ଆଦର୍ଶ ରୂପେ ନିଜକୁ ଗଢିତୋଳିଲେ

କିନ୍ତୁ ବଡ ଦୁଃଖର କଥା ଯେ ,ସେ ଗଣମାଧ୍ୟମ ଓ ସରକାରଙ୍କୁ ସ୍ପଷ୍ଟ ଭାବରେ କହିଛନ୍ତି ଯେ , "ପଦ୍ମଶ୍ରୀ ସମ୍ମାନ ପାଇବା ପରେ ମୋର ସବୁକିଛି ଉଜୁଡି ଯାଇଛି ,ମୁଣ୍ଡ ଗୁଞ୍ଜିବାକୁ ନା ଅଛି ଘରଟିଏ ନା ଅଛି ମୋ ପାଖରେ ସେ ଅମୂଲ୍ୟ କଳାଜୀରା ଧାନ । ଆମ୍ବସଢା ବିକ୍ରିକରି ପେଟ ଚାଖଣ୍ଡକ ଭରୁଛି । ସେତେବେଳେ ଜିଲ୍ଲାପାଳ ଆସି ମତେ ଘରଟିଏ ତୋଳିଦେବେ ବୋଲି ପ୍ରତିଶୃତି ଦେଇଯାଇଥିଲେ । ପରେ କିନ୍ତୁ ସେ ଘରଟି ମୋ ପୁଅ ନାଁ ରେ ଆସିଲା । ପଦ୍ମଶ୍ରୀ ସମ୍ମାନ ପରେ ଆହୁରି ଅନେକ ଅନୁଷ୍ଠାନ ମତେ ଡାକି ସମ୍ମାନିତ କରୁଛନ୍ତି ,ବହୁତ ବାହାବା ଦଉଛନ୍ତି ହେଲେ ମୋ ଘର ଚଳିବା କଥା କେହି ପଚାରୁନାହାନ୍ତି । ସମ୍ମାନିତ ହେବା ପରେ ମୋ ଭାଗ୍ୟ ବଦଳି ଯାଇଛି" । ଏହା ଥିଲା କମଳାଙ୍କ ଦୁଃଖ ମୁଁ ସରକାରଙ୍କୁ ଅନୁରୋଧ କରୁଛି ଯେ, କମଳାଙ୍କ ଦୁଃଖ ର ସମାଧାନ ଜଲ୍ଦି କରିଦିଅନ୍ତୁ । ତଥାପି ଆଜି କୃଷି ମରି ନାହିଁ କି କୃଶକ ହାରି ନାହିଁ । ଦୁନିଆ ଯେତେ କୌଶଳରେ ଆଗକୁ ଗଲେ ମଧ୍ୟ କୃଷି ଆଗରେ ହାରିବା ସୁନିଶ୍ଚିତ । ତେଣୁ କୁହାଯାଇଛି ଯେ,"ଆମେ କେତେବି ମଡର୍ଣ ହେଇ ଯାଉ ନା କାହିଁକି ,ହେଲେ କୃଶକ ପରିଶ୍ରମ ବିନା ଆମେ କିଛି ବି ନୁହଁ" ।



# ଚିତାଲାଗି ଅମାବାସ୍ୟା ଓ ଚାଷୀ




**ବିଜ୍ଞାନ ରଞ୍ଜନ ସାହୁ**

**ଓୟୁଏଟି,ଭୁବନେଶ୍ୱର**


ଶ୍ରାବଣ ମାସର ଅମାବାସ୍ୟା ତିଥି ଅଟେ ଏହି ଦିନ ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ପାଳିତ ହୋଇଥାଏ । ଓଡ଼ିଶାରେ ପାଳିତ ହେଉଥିବା ଗଣପର୍ବ ମାନଙ୍କ ମଧ୍ୟରେ ଅନ୍ୟତମ ଓ ନିଆରା ମଧ୍ୟ । ଆଜି ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର (ତିନିଠାକୁର) ଚିତାଲାଗି ହୋଇଥାଏ । ରଥଯାତ୍ରା ଶେଷ କରି ଶ୍ରୀଜୀଉ ମାନେ ଶ୍ରୀମନ୍ଦିରକୁ ଫେରି ଆସିଛନ୍ତି । ତେଣୁ ଆଜି ପୁଣିଥରେ ସେହି ରତ୍ନଚିତାକୁ ଶ୍ରୀଜୀଉ ମାନଙ୍କ ମଥାରେ ଲଗାଯିବ । ଏହା ଏକ କୃଷଭିତିକ ପର୍ବ ଭାବେ ମଧ୍ୟ ବେଶ୍ ଲୋକପ୍ରିୟ । ଗାଁ ଗହଳିରେ ଚାଷୀମାନେ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ ବିଲରେ କରିଥାନ୍ତି । ଏହି ପ୍ରଥା ଶବର ପରମ୍ପରାରୁ ଆନୀତ ବୋଲି ବିଶେଷଜ୍ଞଙ୍କ ମତ । ସେଥିପାଇଁ ଏହା 'ଗେଣ୍ଡଇକଟା ଓଷା' ନାମରେ ମଧ୍ୟ ବେଶ୍ ପ୍ରସିଦ୍ଧ । ଓଡ଼ିଶାରେ ପ୍ରତ୍ୟେକ ଘରେ ଘରେ ଚିତଉ ଅମାବାସ୍ୟା ପାଳନ ହୋଇଥାଏ । ଏହି ଓଷାରେ ଗୃହିଣୀମାନେ ଘରେ ଚିତଉ ପିଠା ପ୍ରସ୍ତୁତ କରି ଏହି ପିଠାକୁ ଧାନ କ୍ଷେତରେ କିମ୍ବା ଫସଲ କିଆରିରେ ମାଟିକୁ ସମର୍ପଣ କରି ପୋତିଥାନ୍ତି ଏବଂ ଠାକୁର ବା ଇଷ୍ଟଦେବତାଙ୍କୁ ଏହି ପିଠା ଭୋଗ ମଧ୍ୟ କରନ୍ତି । ଶ୍ରାବଣ ମାସ ହେତୁ ବର୍ଷାର ଆଗମନରେ ଧାନ ବିଲରେ ପ୍ରଚୁର ଗେଣ୍ଡା ଦେଖାଯାଆନ୍ତି ଆଉ ଧାନ ଗଛ କୁ କାଟି ଦେଇଥାନ୍ତି ଆଉ ମଧ୍ୟ ବିଲରେ କାମ କରୁଥିବା ବେଳେ ଚାଷୀର ଗୋଡ କିମ୍ବା ହାତକୁ ଗେଣ୍ଡା ମାନେ କାମୁଡିଥାନ୍ତି । ଏହି ସବୁ ସମସସ୍ୟାରୁ ରକ୍ଷା ପାଇବା ପାଇଁ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଚିତଉ ପିଠା କରି ପୋଖରୀ ବା ଚାଷଜମିକୁ ଫିଙ୍ଗାଯାଇଥାଏ । ଗେଣ୍ଡାମାନେ ପିଠା ପ୍ରତି ଆକୃଷ୍ଟ ହୋଇ ଚାରା ଗଛ ଓ ମଣିଷଠାରୁ ନିବୃତ ରହିବେ ବୋଲି ଏକ ବିଶ୍ୱାସ ରହିଛି । ଉତର ଓଡ଼ିଶାରେ ଏହି ପର୍ବକୁ 'ଗେଣ୍ଡାକଟା ଅମାବାସ୍ୟା' ମଧ୍ୟ କୁହାଯାଏ । ଏହା ଓଡ଼ିଶାର ବିଭିନ୍ନ ଅ*ଳରେ ଆଦିବାସୀମାନଙ୍କ ମଧ୍ୟରେ ଜନ୍ତୁଆଦିଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପାଳିତ ଏକ ନିଆରା ପର୍ବ ଭାବେ କାଇଁ କେଉଁ ଅନାଦି କାଳରୁ ପ୍ରଚଳିତ ହୋଇଆସୁଛି ।



# ଚାଷ ପାଇଁ ଶ୍ରଦ୍ଧା ଆବଶ୍ୟକ, କୁଣ୍ଠା ନୁହେଁ



ଡି. ଶୁଭମ

ସାମ୍ପ୍ରତିକ ସମୟର ବାସ୍ତବ ଚିତ୍ରକୁ ଯଦି ଲକ୍ଷ୍ୟ କରାଯାଏ ଚାଷୀର ମନ କଥା ବୁଝିବାକୁ ଆଜି ଯାଏଁ ବି କେହି ସମର୍ଥ ନୁହନ୍ତି । ଏକ ନିରୀହ ଚାର୍‌ହାଣିରେ ସେ ଅସୁମାରୀ ଲୋକଙ୍କ ମନରେ ଫୁଟାଇ ପାରେ ଅଫୁରନ୍ତ ହସ । ସେଇଥି ପାଇଁ ତ ସେ ମହାନ । ସରକାର ସବୁବେଳେ ଚାଷୀଙ୍କୁ ନିଜ ଫୋକସ୍ ?ରେ ରଖିଥାନ୍ତି । ଏକଥା ସତ । କିନ୍ତୁ ସେସବୁଁ ଯେ ସତରେ କେତେଦୂର ଗ୍ରହଣୀୟ ସେକଥା କେବଳ ନିଜେ ଚାଷୀଟିଏ ହିଁ କହିପାରିବ ।ଗତ ବର୍ଷ ଯେତେବେଳେ କୃଷି ସ୍ନାତକରେ ଚତୁର୍ଥ ବର୍ଷରେ ପଢୁଥିଲି , କୃଷି ପ୍ରଶିକ୍ଷଣ ଦେବା ପାଇଁ ଅନେକ ଗାଁକୁ ଯାଉଥିଲି । ମନରେ ତ ଭୟ ଥିଲା ନିଶ୍ଚୟ । ଚାରି ବର୍ଷର ପାଠପଢ଼ାକୁ ମୁଁ ସମାନଙ୍କୁ କହିବାକୁ ଯାଉଛି , ହେଲେ ସେମାନେ ତ ତିରିଶ ବର୍ଷ ହେବ ସେଇ ମାଟି ସହ ଜଡ଼ିତ ହୋଇ ଅଛନ୍ତି । ସେଇଥି ଘର , ସେଇଠି ସ୍ୱର୍ଗ । ସେମାନଙ୍କୁ ବି ଆମେ କଣ ପ୍ରଶିକ୍ଷଣ ଦେବୁ ।

କିନ୍ତୁ ଯେତେବେଳେ ସେ ଚାଷୀଙ୍କ ସହ ବହୁ ପାଖରୁ ମିଶିବାର ସୁଯୋଗ ମିଳିଲା ସେତେବେଳେ ପ୍ରଶିକ୍ଷଣ କମ୍? ଆଉ ଆଳାପ ବେଶୀ ହେଲା । ଅର୍ଥାତ ଏଇ ଚାରି ଘଂଟାର ପ୍ରଶିକ୍ଷଣ ସମୟ ଭିତରେ ଆମେ ସମସ୍ତେ ଆମ ଜୀବନର ଅନେକ ପୁରୁଣା କଥା ସାଉଁଟି ବସୁ । ସେ ମୁହୂର୍ତ୍ତ ସତରେ ସ୍ମରଣୀୟ । ନିଜେ ଜାଣିବାକୁ ଚେଷ୍ଟା କଲି ସତରେ ଏ ଚାଷରେ ଅଛି କଣ ? ଆଉ ସେହିଠାରେ ଜାଣିବାକୁ ପାଇଲି ଏବେର ଆଧୁନିକ ଯୁଗରେ ଲୋକ ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି ଆଉ ମୁଁ ତ ଏହାର ଭୁକ୍ତଭୋଗୀ । ପ୍ରଥମ ବର୍ଷ ଯେବେ କୃଷି ପାଠ୍ୟକ୍ରମରେ ନାଁ ଲେଖାଇଲି , କେତେ କଥା ଗାଁରେ । ପୁଅ ଚାଷ କରିବ ବଡ଼ ହୋଇ , ଆମ



ବିଲ ଖାଲି ଅଛି.ଆସିବୁ ପାଠ ପଢ଼ି । ଏମିତି ଅନେକ । ସେତେବେଳେ ତ କିଛି ବୁଝିପାରି ନଥିଲି । କେବଳ ଏତିକି ମନେ ହେଲା ଯେ ସତରେ କଣ ଚାଷ ଏତେ ଖରାପଲୋକ କଣ ପାଇଁ ଏ ପାଠ ପଢ଼ିଲା ବେଳକୁ ଏମିତି କଥା କହୁଛନ୍ତି । ଯଦି କେଉଁ ପିଲା ମେଡ଼ିକାଲ କି ଇଂଜିନିୟରିଂ ପଢୁଛି , କି ଆଇନ ପାଠ ପଢୁଛି ସେବେ ବାହାବାହା ଦେଲା ବେଳକୁ ଏ ପାଠରେ ଏତେ କୁଣ୍ଠାବୋଧ କଣ ପାଇଁ । ଅନ୍ୟପକ୍ଷରେ ସରକାର କୃଷିକୁ ଯଥୋଚ଼ିତ ଗୁରୁତ୍ୱ ଦେଉଥିଲା ବେଳେ ଲୋକେ କଣ ପାଇଁ କୃଷି ଶିକ୍ଷାକୁ ନାକ ଟେକୁଛନ୍ତି । ସେ ଯାହା ବି ହେଉ ଏବେ ମୋର ଚ଼ାରି ବର୍ଷର କୃଷି ସ୍ନାତକ ଶେଷ ହୋଇଯାଇଛି । ଅନେକ କିଛି ଶିଖିଛି । ଅନେକ ଚ଼ାଷୀଙ୍କ ସହ ମିଶିଛି । ଆଉ ମୋ ମତରେ କୃଷି ପାଠ୍ୟକ୍ରମ ମୋ ପାଇଁ ସବୁକିଛି । ଜୀବନର ପ୍ରକୃତ ରହସ୍ୟକୁ ଖୋଜି ଆଣିବାରେ ଏହା ମୋତେ ବାଟ ଦେଖାଇଛି । ଯେତେବେଳେ ଚ଼ାଷୀଙ୍କ ସହ ମିଶିବାର ସୁଯୋଗ ମିଳେ , ସେମାନେ ନିଜ ଚ଼ାଷବାସର କଥାକୁ ବେଶ ନିଖୁଣ ଭାବେ କହିଚ଼ାଲନ୍ତି , ତାହାକୁ ଶୁଣି ଆଖିରୁ ଲୁହ ଆସିଯାଏ ।

ମନେ ମନେ ଭାବିଲି, ଆମେ ବଡ଼ ଚ଼ାକିରୀ ପାଇଁ କେତେ ଲୋଭ କରୁଛନ୍ତି , ବର୍ଷରେ ଚ଼ାକିରୀର ପ୍ୟାକେଜ କେତେ ଅଛି ପ୍ରଥମେ ଦେଖୁଛନ୍ତି କିନ୍ତୁ ଏମାନଙ୍କ କଥା ଭାବିଲେ । ନା ପ୍ୟାକେଜ , ନା ହାକିମ ହେବାର ଇଚ୍‌ଛା । ସବୁକିଛି ଏମାନଙ୍କ ଆଗରେ ତୁଚ୍‌ଛ । ବାସ ଚ଼ାଷ ଜମିରେ କେଇ ଘଂଟା ବିତାଇଦେଲେ ସେମାନଙ୍କର ଆତ୍ମତୃପ୍ତି ମିଳିଯାଏ । କିନ୍ତୁ ଯଦି ଚ଼ାଷୀମାନଙ୍କୁ ହିଁ ଅଣଦେଖା କରାଯାଏ , ଏହାଠୁ ବଡ଼ ଦୁଃଖର ବିଷୟ କିଛି ନାହିଁ ।

ସମୟ ଆସିଛି ଚ଼ାଷୀଙ୍କ କଥାକୁ ଗୁରୁତ୍ୱ ଦେବାର । ଚ଼ାଷକୁ ଭଲପାଇବାର । ନାକ ଟେକିବାନି ବରଂ ନିଜେ ଚ଼ାଷ ଓ ଚ଼ାଷୀର ଗହନ କଥାକୁ ଅନୁକରଣ କରିବା । କୃଷି ପାଠ୍ୟକ୍ରମକୁ ବି ସମ୍ମାନ ଦେବା । ଆମ ଚ଼ାଷୀ ଆମ ଦେଶର ବଳ । ଆମ ଶକ୍ତି ଆଉ ଚେତନାର ପରିମାପକ । ଆମ ସଂସ୍କୃତିର ମୂଳାଧାର । ସେ ଚ଼ାଷୀକୁଳକୁ ମୋର କୋଟି ନମନ ।



# ନାନୋ ୟୁରିଆ

## କୃଷି କ୍ଷେତ୍ରରେ ଏକ ନୂତନ ବିପ୍ଳବ

**ସା**ମ୍ପ୍ରତିକ ସମୟରେ ଚାଷ ଓ ଚାଷୀର ଭୂମିକାକୁ ବର୍ଣ୍ଣନା କରିବାର ଆବଶ୍ୟକତା ପଡ଼େନି । କାରଣ ଆମେ ଜୀଇଁବାର ସ୍ୱପ୍ନ ଚାଷୀ ପାଇଁ ଦେଖୁ । ତେଣୁ ସେ ସବୁବେଳେ ଆମ ପାଇଁ ଏକ ବିଶେଷ ଓ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରେ । ଏଇ ପରୀପ୍ରେକ୍ଷୀରେ ଚାଷ ଜମିରେ ଉତ୍ପାଦନ ବଢ଼ିବା ପାଇଁ ବିଭିନ୍ନ ସାର ଓ କୀଟନାଶକର ପ୍ରୟୋଗ କରାଯାଏ । ଚାଷ ଜମିରେ ବ୍ୟବହାର କରାଯାଉଥିବା ସାର କଥା କହିଲେ ଆମ ମାନଙ୍କୁ ୟୁରିଆ,ଡ଼ି.ଏପି ଓ ପଟାସ କଥା ଆସେ । କିନ୍ତୁ ପାରମ୍ପରିକ ଚାଷ ପଦ୍ଧତି ଏବେ ବଦଳିବାକୁ ଲାଗିଲାଣି । ଏବେ ନୂଆ ନୂଆ ଜ୍ଞାନ କୌଶଳ ବି ଚାଷ ଜମିରେ ବ୍ୟବହାର କରାଗଲାଣି । କେବଳ ଚାଷ ପଦ୍ଧତି ନୁହେଁ ବରଂ ଆମେ ଜମିରେ ପ୍ରୟୋଗ କରାଯାଉଥିବା ସାର ବି ଏବେ ନୂତନ ବୈଜ୍ଞାନିକ ପଦ୍ଧତିରେ ସମୃଦ୍ଧ । ସେ ମାନଙ୍କ ମଧ୍ୟରେ ଏବେ ନାନୋ ଟେକ୍ନୋଲଜି ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ନାନୋ ୟୁରିଆ ଏକ ଅଗ୍ରଣୀ ଭୂମିକା ନିଭାଉଛି । ଇଫକୋ ଦ୍ୱାରା ପ୍ରସ୍ତୁତ ଏହି ନାନୋ ୟୁରିଆ ଏବେ ଚାଷୀ ମାନଙ୍କ ମଧ୍ୟରେ ନୂଆ ଆଶା ଭରିବା ସହ କୃଷି କ୍ଷେତ୍ରରେ ନୂଆ ବିପ୍ଳବ ସୃଷ୍ଟି କରିଛି । ଏହି ଉପକ୍ରମରେ ଭୁବନେଶ୍ୱର ସ୍ଥିତ ଇଫକୋର ରାଜ୍ୟ ମୁଖ୍ୟ ମାର୍କେଟିଙ୍ଗ ମାନେଜର ଶ୍ରୀ ସୌରଭ କୁମାର ଚାଟାର୍ଜୀଙ୍କ ସହ ଆଲୋଚନା କରିଥିଲେ **ଡ଼ି ଶୁଭମ୍ ..**

## ପ୍ର)ଚାଷୀ ବ୍ୟବହାର କରୁଥିବା ସାଧାରଣ ୟୁରିଆ ଓ ନାନୋ ୟୁରିଆ ମଧ୍ୟରେ କ'ଣ ତଫାତ ରହିଛି ?

**ଉ:** ଆମ ରାଜ୍ୟର ଚାଷୀ ମାନେ ବେଶ କୁଶଳୀ । ତେବେ ଚାଷୀ ମାନେ ବ୍ୟବହାର କରୁଥିବା ସାଧାରଣ ୟୁରିଆ ଦ୍ୱାରା ଜମିରେ ମାନ ହ୍ରାସ ପାଉଥିଲା । କାରଣ ଦାନାଦର ୟୁରିଆ ବ୍ୟବହାର କରିବା ଦ୍ୱାରା ୩୦-୫୦% ଯବକ୍ଷାରଜାନ ଫସଲ ଗ୍ରହଣ କରିଥାଏ । ବଳକା ଯବକ୍ଷାରଜାନ ଆମୋନିଆ , ନାଇଟ୍ରସ ଅକସାଇଡ଼ ମାଧ୍ୟମରେ ଏହା ଆମ ମୃତିକା , ବାୟୁ ପ୍ରଦୂଷଣ କରିଥାଏ । ଆମେ ଜାଣିଛନ୍ତି ଯବକ୍ଷାରଜାନ ଫସଲ ପାଇଁ ଏକ ପ୍ରମୁଖ ଉପାଦାନ । ତେବେ ନାନୋ ୟୁରିଆ ଚାଷ କ୍ଷେତ୍ରରେ ଏକ ବିପ୍ଳବ କହିଲେ ଭୁଲ ହେବ ନାହିଁ । ନାନୋ ୟୁରିଆର ଆକାର ଓ କ୍ଷେତ୍ରଫଳ କମ୍ ହୋଇଥାଏ , ଫଳରେ ପତ୍ର ସଂଚନ ପାଇଁ ଏହା ସୁବିଧା ହୋଇଥାଏ । ଭାରତର ବିଭିନ୍ନ ସ୍ଥାନରେ ନାନୋ ୟୁରିଆ ବ୍ୟବହାରକାରୀଙ୍କ କହିବା ମୃତାବକ ଏହାକୁ ବ୍ୟବହାର କରିବା ଦ୍ୱାରା ଦାନାଦାର ୟୁରିଆ ବ୍ୟବହାର ୫୦ପ୍ରତିଶତ କମ ହୋଇଥାଏ । ଏହା ବ୍ୟତୀତ ଦାନାଦର ୟୁରିଆରେ ୪୬ପ୍ରତିଶତ ଯବକ୍ଷାରଯାନ ରହିଥିବା ବେଳେ ନାନୋ ୟୁରିଆରେ ୪ ପ୍ରତିଶତ ରହିଥାଏ ।

## ପ୍ର) ନାନୋ ୟୁରିଆର କଣ ବିଶେଷତ୍ୱ ରହିଛି,ଏହା ଦ୍ୱାରା ଚାଷୀର ଆୟ ବଢ଼ିପାରିବ କି ?

**ଉ:** ଏକ ୫୦୦ମିଲି ନାନୋ ୟୁରିଆ ବୋତଲ,୪୫କିଗ୍ରା ୟୁରିଆ ବ୍ୟାଗ ସହ ସମାନ ହୋଇଥାଏ, ଏହା ଫସଲର ଅମଳ ଓ ଗୁଣାତ୍ମକ ମାନ ବଢ଼ାଇଥାଏ । ଏହା ପ୍ରୟୋଗ ଦ୍ୱାରା ପରିବେଶ ସୁସ୍ଥ ରହିଥାଏ । ଏହା ଗ୍ଲୋବାଲ ୱାର୍ମିଙ୍ଗକୁ ନିୟନ୍ତ୍ରଣ କରିଥାଏ । ଫସଲର ଗୁରୁତ୍ୱ ପୂର୍ଣ୍ଣ ଗଠନ ଅବସ୍ଥାରେ ନାନୋ ୟୁରିଆ ଯବକ୍ଷାରଜାନ ଆବଶ୍ୟକତା ପୂରଣ କରିଥାଏ । ମୋ ମତରେ ନିଶ୍ଚିତ ଭାବରେ ଏହା ଚାଷୀର ଆୟ ବଢ଼ାଇବା ସହ ଫସଲ ଅମଳକୁ ମଧ୍ୟ ବଢ଼ାଇପାରିବ ।

## ପ୍ର) ନାନୋ ୟୁରିଆକୁ ଚାଷୀ ମାନେ କିପରି ବ୍ୟବହାର କରିବେ ?

ଉ: ନାନୋ ୟୁରିଆ ବ୍ୟବହାର କରିବା ଅତ୍ୟନ୍ତ ସହଜ ଓ ସୁବିଧାଜନକ ହୋଇଥାଏ । ଏଥିରେ ମୋଟ ୪ପ୍ରତିଶତ ଯବକ୍ଷାରଜାନ ରହିଥିବାରୁ ଏହା ସମ ଭାବରେ ଜଳରେ ମିଶିପାରିଥାଏ । ତେବେ ୧ଲିଟର ପାଣିରେ ୨-୪ମିଲି ନାନୋ ୟୁରିଆ ମିଶାଇ ଏହାକୁ ପତ୍ରରେ ସିଂଚନ କରନ୍ତୁ । ଏକ ଏକର ଫସଲ ପାଇଁ ୫୦୦ମିଲି ବୋତଲ ଦୁଇଥର ସିଂଚନ ପାଇଁ ପର୍ଯ୍ୟାପ୍ତ । ସକାଳ ଓ ସଂଧ୍ୟା ସମୟରେ ଏହାକୁ ସିଂଚନ କରନ୍ତୁ ।

## ପ୍ର) ଓଡ଼ିଶାରେ ନାନୋ ୟୁରିଆ ବ୍ୟବହାର କରାଗଲାଣି କି ?

**ଉ:** ହଁ ଓଡ଼ିଶାର କୋରାପୁଟ , ବରଗଡ଼ , ମାଲକାନାଗିରି ପ୍ରଭୃତି ସ୍ଥାନରେ ଚାଷୀ ମାନେ ନାନୋ ୟୁରିଆ ବ୍ୟବହାର କଲେଣି । ଏବଂ ଏହା ବ୍ୟବହାର କରିବା ଦ୍ୱାରା ଫସଲର ଅମଳର ଆଶାତୀତ ବୃଦ୍ଧି ସହ ଧାନରେ ଅଧିକ ପିଲ ହେବା ସହ ଏହା ଗୁଣାତ୍ମକ ମାନ ବି ବଢ଼ାଉଛି ବୋଲି ଚାଷୀ ମାନେ ମତବ୍ୟକ୍ତ କରିଛନ୍ତି । ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାକୁ ବ୍ୟବହାର କରିବାର ଯୋଜନା ରହିଛି ।

## ପ୍ର)ଓଡ଼ିଶାର ଯୁବ ଚାଷୀମାନଙ୍କୁ କଣ ବାର୍ତ୍ତା ଦେବେ ?

**ଉ:** ମୋ ମତରେ ଚାଷ କରି ଯୁବବର୍ଗ ଉଦ୍ୟୋଗୀ ହୋଇପାରିବେ । ଏବେ ନୂତନ ଜ୍ଞାନକୌଶଳରେ ପ୍ରସ୍ତୁତ ଅଣୁସାର ତଥା ନାନୋ ୟୁରିଆ ବ୍ୟବହାର କରି ନିଶ୍ଚୟ ସଫଳ ହୋଇପାରିବେ । ନିଯୁକ୍ତି ଅଭାବକୁ ଦୃଷ୍ଟି ନଦେଇ କିପରି ଉଦ୍ୟୋଗୀ ହୋଇପାରିବେ , ସେ ଦିଗରେ ଚିନ୍ତା କରିବା ଆବଶ୍ୟକ । କୃଷି ଜଣଙ୍କୁ ଉଦ୍ୟୋଗୀ କରିବାର ଶ୍ରେଷ୍ଠ ମାଧ୍ୟମ, ଏହାକୁ ଅସ୍ୱୀକାର କରାନଯାଇପାରେ ।



# ବନ୍ଧାକୋବି ଫସଲରେ କୀଟର ପରିଚାଳନା

ବନ୍ଧା କୋବି ଶୀତ ଋତୁର ଏକ ମୁଖ୍ୟ ଫସଲ ଭାବେ ସାରା ଭାରତରେ ଚାଷ କରାଯାଏ , ମୁଖ୍ୟ ଉତ୍ପାଦାନକାରୀ ରାଷ୍ଟ୍ର ହେଉଛି ଉତରପ୍ରଦେଶ , ବିହାର, ଓଡ଼ିଶା, କିନ୍ତୁ କୀଟ ପତଙ୍ଗ ର ଆକ୍ରମଣ ଯୋଗୁ ଉତ୍ପାଦନର ପରିମାଣ ଦିନକୁ ଦିନ କମ୍ ହେଇଯାଉଛି , ତେଣୁ ଆସନ୍ତୁ ଏହାର କିଛି ମୁଖ୍ୟ କୀଟ ଓ ପରିଚାଳନା ବିଷୟରେ ଜାଣିବା


## ସୁଜାତା ସାହୁ

ଭୁବନେଶ୍ୱର


## ୧ .ଡି ବି ଏମ୍

**ଲକ୍ଷଣ**-ଏହା ବନ୍ଧା କୋବି ଫସଲର ମୁଖ୍ୟ ବିନାଶକାରୀ କୀଟ ଅଟେ ।ଏହା ପ୍ରଥମେ ପତ୍ରକୁ ଖାଆନ୍ତି ଓ ପରେ ପତ୍ରରେ ଜାଲ ଆକୃତିର ଚିହ୍ନ କରନ୍ତି ।



**ପରିଚ଼ାଳନା-** ସୋରିଷ ଗଛକୁ ଜାଲଫସଲ ଭାବେ ଲଗାଇବା । ଟମାଟୋ ଗଛକୁ ୧:୨୫ ଅନୁପାତରେ କୋବି ସହିତ ଚ଼ାଷ କରିବା , ଆବଶ୍ୟକୀୟ ମାତ୍ରାର କିଫନ୍‌ର ଛି*ନ କରିବା ଫେରୋମନ୍ ଜାଲର ସ୍ଥାପନ କରନ୍ତୁ ।

**୨) କୋବି ପ୍ରଜାପତି-ଲକ୍ଷଣ-** ଏହା ପତ୍ରକୁ ତାହାର ଧାର ରୁ ଭିତରକୁ ଖାଆନ୍ତି

**ପରିଚ଼ାଳନା-** ହାତରେ କୀଟକୁ ଫିଙ୍ଗିଦେବା ଓ ଆବଶ୍ୟକୀୟ ମାତ୍ରାର ମାଲାଥିଅନ୍ ୨ ମିଲି ଲିଟର/ଲିଟର ଛି*ନ କରନ୍ତୁ ।

**୩)କାଣ୍ଡବିନ୍ଧା ପୋକ-** କ୍ୟାଟରପିଲର୍ ପ୍ରଥମେ ପତ୍ର କୁ ଖାଏ ଏବଂ ଯେତେବେଳେ ଆକ୍ରମଣ ଅତ୍ୟଧିକ ହୋଇଯାଏ ସେତେବେଳେ କୋବିର ମୁଣ୍ଡ ବିକୃତ ହୋଇଯାଏ ।

**ପରିଚ଼ାଳନା-** ହାତରେ କୀଟକୁ ଫିଙ୍ଗିଦେବା ଓ ଆବଶ୍ୟକୀୟ ମାତ୍ରାର ମାଲାଥିଅନ୍ ୨ ମିଲି ଲିଟର/ଲିଟର ଛି*ନ କରନ୍ତୁ ।

**୪) ଆଫିଡ୍-** ଏହା ପତ୍ରକୁ ଚୋବାଇଥାଏ ଯାହା ଦ୍ୱାରା ଗଛର ଅଭିବୃଦ୍ଧି ହ୍ରାସ ହୁଏ ଏବଂ ଅମଳ କମିଯାଏ ।

**ପରିଚ଼ାଳନା-** ପ୍ରତିରୋଧକ ଯୁକ୍ତ ଗଛ ଲାଲ୍‌ଡ୍ରମ୍‌ର ରୋପଣ ,ହଳଦିଆ ଅଠା ଜାଲର ସ୍ଥାପନ, ମେଟାସିଟକ୍ସ ସିଂଚନ କରନ୍ତୁ ।

# ଚକା ତଳେ ଚାଷୀ




## ବିଚିତ୍ର ବିଶ୍ୱାଳ

ଭିରଙ୍ଗ, ତିରଣ,

ଜଗତ୍‌ସିଂହପୁର-୭୫୪୧୩୮


ଏଇ କିଛି ଦିନ ତଳେ ଲଖିମ୍‌ପୁର୍ ଖେରୀରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭରତ କୃଷକମାନଙ୍କ ଉପରେ ଯେପରି ଭାବେ ଗାଡ଼ି ଚଢ଼େଇ ହତ୍ୟା କରାଗଲା ଓ ଘଟଣାର ଚାରି ଦିନ ଯାଏ ଅଭିଯୁକ୍ତ କେନ୍ଦ୍ର ମନ୍ତ୍ରୀଙ୍କ ପୁଅଙ୍କୁ ଗିରଫ କରାଗଲା ନାହିଁ, ଓଲଟି ମୃତକଙ୍କ ପରିବାରକୁ ଭେଟିବାକୁ ଯାଉଥିବା ନେତାମାନଙ୍କୁ ଗିରଫ କରାଗଲା ଏବଂ ଏ ସମସ୍ତ ଘଟଣାକୁ ଗଣମାଧ୍ୟମ କମ୍ ଗୁରୁତ୍ୱ ଦେଇ ମୁମ୍ବାଇର ରେଭ୍ ପାର୍ଟିରେ ଗିରଫ ହୋଇଥିବା ସେଲିବ୍ରେଟିଙ୍କ ପୁଅର ଖବରକୁ ବଢ଼େଇ ଚଢ଼େଇ ପ୍ରଚାର କଲା, ଏଥିରୁ ଗୋଟିଏ କଥା ତ ସ୍ପଷ୍ଟ ହେଉଛି, ଶାସନତନ୍ତ୍ର ଠାରୁ ଆରମ୍ଭ କରି ଗଣମାଧ୍ୟମ ଯାଏ ସମସ୍ତେ ଚାଷୀଙ୍କ ବିରୁଦ୍ଧରେ। ଲଖିମ୍‌ପୁର୍ ଖେରୀରେ ଯାହା ଘଟିଲା ତାହା କୌଣସି ଗୁଣରେ ଗଣହତ୍ୟା ଠାରୁ କମ୍ ନୁହେଁ। ଏହି ଘଟଣାରେ ଯଦି ଆମ ସାମୂହିକ ବିବେକ ବିଚଳିତ ହେଉନାହିଁ, ତେବେ ବୁଝିଯିବାକୁ ହେବ ଯେ ଆମ ସାମୂହିକ ବିବେକ ଉପରେ ପଥର ଲଦି ହୋଇଯାଇଛି। ଦଳ ପ୍ରେମ ବା ସରକାର ବନ୍ଦନାରେ ମଗ୍ନ ନରହି ଦେଶର ଜଣେ ସଚ୍ଚା ନାଗରିକା ଭାବେ ଏହି ଘଟଣାକୁ ନିନ୍ଦା କରାଯିବା ଦରକାର। ନହେଲେ ସବୁଦିନ ପାଇଁ ଚାଷୀଙ୍କ ଭାଗ୍ୟ ନେତାଙ୍କ ଗାଡ଼ିର ଚକା ତଳେ ପେଶି ହୋଇଯିବ ଓ ଆମେ ନୀରବ ଦ୍ରଷ୍ଟା ସାଜିଥିବା।

ଗତ ୩ ଅକ୍ଟୋବରରେ ଉତରପ୍ରଦେଶର ଲଖିମ୍‌ପୁର୍ ଖେରୀ ଠାରେ ବିକ୍ଷୋଭ ପ୍ରଦର୍ଶନ କରିସାରି ଶାିପୂର୍ଣ୍ଣ ଭାବେ ଚାଲି ଚାଲି ଫେରୁଥିବା ଚାଷୀମାନଙ୍କ ଉପରେ କେନ୍ଦ୍ର ମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏକ ଗାଡ଼ି ପଛ ଆଡୁ ମାଡ଼ି ଯିବାରୁ ଚାରି ଜଣ ଚାଷୀଙ୍କ ସମେତ ମୋଟ୍ ଆଠ ଜଣଙ୍କର ମୃତ୍ୟୁ ହୋଇଛି। ଅଭିଯୋଗ ହେଉଛି ଯେ, କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ୍ ମିଶ୍ରା ଗାଡ଼ି ଚଳାଉଥିଲେ।

କେନ୍ଦ୍ର ମନ୍ତ୍ରୀଙ୍କ ପୁଅଙ୍କ ନାମରେ ଦଫା ୩୦୨ରେ ହତ୍ୟା ଅଭିଯୋଗ ବି ହୋଇଛି । କିନ୍ତୁ ଦେଖାଗଲା ଯେ, ଘଟଣାର ଚାରି ଦିନ ଯାଏ ଅଭିଯୁକ୍ତଙ୍କୁ ଗିରଫ କରାଗଲା ନାହିଁ । ଚାଷୀମାନେ ମୃତ ବ୍ୟକ୍ତିଙ୍କ ଶବ ରଖି ବିକ୍ଷୋଭ ପ୍ରଦର୍ଶନ କରିବା ସତ୍ତ୍ୱେ ବି ଉତରପ୍ରଦେଶ ପ୍ରଶାସନ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରିଚାଲିଲା । ଓଲଟି କଂଗ୍ରେସ୍ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ମୃତକଙ୍କ ପରିବାରକୁ ଭେଟିବାକୁ ଲଖିମ୍ପୁର୍ ଖେରୀ ଯାଉଥିବା ସମୟରେ ଉତରପ୍ରଦେଶ ପୋଲିସ୍ ତାଙ୍କୁ ଗିରଫ କଲା । ରାଜ୍ୟସଭା ସଦସ୍ୟ ଦୀପେନ୍ଦର ହୁଦାଙ୍କୁ ବି ଅଟକ ରଖାଗଲା । ପାବର ମୁଖ୍ୟମନ୍ତ୍ରୀଙ୍କୁ ଉତରପ୍ରଦେଶରେ ପଶିବାକୁ ସୁଯୋଗ ଦିଆଗଲା ନାହିଁ । ଛତିଶଗଡ଼ର ମୂଖ୍ୟମନ୍ତ୍ରୀ ଭୁପେଶ୍ ବାଘେଲ୍‌ଙ୍କୁ ଲକ୍ଷ୍ନୌ ବିମାନ ବନ୍ଦର ଠାରେ ଅଟକ ରଖାଯିବାରୁ ସେ ସେହିଠରେ ଧାରଣାରେ ବସିଲେ । ଉତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ୍ ଯାଦବଙ୍କୁ ତାଙ୍କ ଘରେ ବନ୍ଦୀ କରି ରଖାଗଲା । ମୋଟାମୋଟି ଭାବେ କହିବାକୁ ଗଲେ ଏପରି ଏକ ଜଘନ୍ୟ ଘଟଣା ଘଟିବା ପରେ କୌଣସି ବିରୋଧୀ ଦଳର ନେତାଙ୍କୁ ଉତର ପ୍ରଦେଶରେ ପଶିବାକୁ ଦିଆଗଲା ନାହିଁ । କିନ୍ତୁ ପ୍ରଶ୍ନ ଉଠୁଛି, ଉତର ପ୍ରଦେଶ ପୋଲିସ୍ ପ୍ରଥମେ ବିରୋଧୀ ଦଳ ନେତାମାନଙ୍କୁ ଗିରଫ କରିବା କଥା ନା ଏପରି ଜଘନ୍ୟ କାଣ୍ଡ ଘଟେଇ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବା କଥା ! ଅଭିଯୁକ୍ତ ଆଶିଷ ମିଶ୍ରା ବାହାରେ ବୁଲୁଥିବା ବେଳେ ଦୁର୍ଭାଗ୍ୟଜନକ ଭାବେ ଚାଷୀଙ୍କୁ ସମର୍ଥନ କରିବାକୁ ଯାଉଥିବା ନେତାମାନଙ୍କୁ ଗିରଫ କରାଗଲା । ଏହା କ'ଣ ଆମ ନୂଆ ଭାରତର ଓ ବିକଶିତ ଉତରପ୍ରଦେଶର ଗଣତନ୍ତ୍ରର ନୂଆ ନମୂନା !

ଯେଉଁ ସମୟରେ ଚାଷୀ ଆନ୍ଦୋଳନ ଉପରେ ଏପରି ବର୍ବରୋଚିତ ଆକ୍ରମଣ ହେଲା ଠିକ୍ ସେହି ସମୟରେ ମାନ୍ୟବର ସୁପ୍ରିମ୍ କୋର୍ଟ ରାୟ ଶୁଣାଇଲେ ଯେ, ଚାଷୀ ଆନ୍ଦୋଳନ ବେଆଇନ୍ । ଏହା କ'ଣ କେବଳ ଏକ ସଂଯୋଗ ନା କେନ୍ଦ୍ରର ବିଜେପି ସରକାରର ସୁପର ମ୍ୟାନେଜ୍‌ମେଂଟର ଆଉ ଏକ ନମୂନା ! ଶାସନତନ୍ତ୍ର ଉପରେ ଭରସା ତୁଟାଇ ସାରିଥିବା ଚାଷୀକୂଳ ତେବେ କ'ଣ ନ୍ୟାୟାଳୟ ଉପରୁ ବି ମୁହଁ ଫେରାଇବାକୁ ବି ବାଧ୍ୟ ହେବେ ? ଏବେ ଚାଷୀଙ୍କ ପାଇଁ କ'ଣ ରାଜରାସ୍ତା ହିଁ ଏକମାତ୍ର ଭରସା ? ରାଜରାସ୍ତାରେ ବି ଚାଷୀମାନଙ୍କ ଉପରେ ପଛପଟୁ ଗାଡ଼ି ଚଢ଼େଇ ହତ୍ୟା କରାଯାଉଛି । ରାସ୍ତା ଉପରେ କଂଟା ପୋତାଯାଇ ଚାଷୀଙ୍କ ବାଟ ବନ୍ଦ କରାଯାଉଛି । ଚାଷୀମାନଙ୍କୁ ଖଲିସ୍ତାନୀ ଆତଙ୍କବାଦୀ କୁହାଯାଉଛି । ତେବେ ନିଜର ପ୍ରତିବାଦ ଜଣେଇବାକୁ ଚାଷୀଙ୍କ ପାଖରେ ଆଉ ରାସ୍ତା କ'ଣ ବଂଚିଲା ? ଏହାଦ୍ୱାରା ସରକାର ପରୋକ୍ଷରେ ଚେତାବନୀ ଦେଉଛନ୍ତି ଯେ, ମର ପଡ଼ ପଛେ କିନ୍ତୁ ଆମ କଥାକୁ ମାନିନିଅ । ଠିକ୍ ଏମିତି ତ ବ୍ରିଟିଶ୍‌ମାନେ ପରାଧୀନ ଭାରତରେ କହୁଥିଲେ ।

ଚାଷୀମାନଙ୍କ ଉପରେ ଏପରି ବର୍ବରୋଚିତ କାଣ୍ଡ ପରେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରା କହିଲେ, ଚାଷୀମାନେ ନିଜେ ହିଂସା କରିବାରୁ କିଛି ଚାଷୀ ମୃତ୍ୟୁବରଣ କରିଛନ୍ତି । ଗଣମାଧ୍ୟମମାନେ ବି ମନ୍ତ୍ରୀଙ୍କ କଥାକୁ ପ୍ରଚାର କଲେ ଯେ, ଚାଷୀମାନେ ହିଂସ୍ର ହୋଇଉଠିବାରୁ ଏପରି ଘଟଣା ଘଟିଗଲା । କୌଣସି ବି ଆଗ ଧାଡ଼ିର ଗଣମାଧ୍ୟମମାନେ ଚାଷୀମାନଙ୍କ ଉପରେ ହୋଇଥିବା ସଂହାରଲୀଳାକୁ ପ୍ରଚାର ନକରେଇ ଓଲଟି ଚାଷୀମାନଙ୍କ ଉପରେ ଦୋଷ ଲଦି ଚାଲିଲେ । କିନ୍ତୁ ଭାଗ୍ୟ ଭଲ ସାମାଜିକ ଗଣମାଧ୍ୟମ ଯୋଗୁ ଚାଷୀମାନଙ୍କ ଉପରେ ଗାଡ଼ି ଚଢ଼ାହୋଇଥିବାର ଭିଡ଼ିଓ ସାମ୍ନାକୁ ଆସିଲା । ଯେଉଁଥିରେ ସ୍ପଷ୍ଟ ଦେଖାଯାଉଛି ଯେ, ଶାନ୍ତିପୂର୍ଣ୍ଣ ଭାବେ ଚାଷୀମାନେ ଚାଲୁଥିବା ବେଳେ ପଛପଟୁ ମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଗାଡ଼ି ତାଙ୍କୁ ଚକଟି ଚାଲିଯାଉଛି । ଏତଦ୍‌ବ୍ୟତୀତ ଛାତି ଥରେଇ ଦେଇଥିବା ଏହି ଘଟଣାରେ ଯେତେବେଳେ ସାରା ଦେଶ ସ୍ତବ୍ଧ ଓ ଚାଷୀମାନେ ମୃତକଙ୍କ ଶବ ରଖି ଆନ୍ଦୋଳନ କରୁଛନ୍ତି ସେତେବେଳେ ବି ଗଣମାଧ୍ୟମର ନିଦ ଭାଙ୍ଗୁନି । ଗଣମାଧ୍ୟମ ଏହି ଖବରକୁ ପ୍ରସାରଣ ନକରି ବାରମ୍ୱାର ଶାହରୁଖ୍ ଖାନ୍‌ର ପୁଅର ଖବରକୁ ଅଧିକ ଗୁରୁତ୍ୱ ଦେଉଛି । ବଡ଼ ଆଶ୍ଚର୍ଯ୍ୟ ଲାଗେ ଯେ, କ'ଣ ପାଇଁ ଗଣମାଧ୍ୟମମାନେ ଏହି ଘଟଣାକୁ ଚପେଇ ଦେବା ପାଇଁ ବ୍ୟସ୍ତ ? କାହାର ନିର୍ଦ୍ଦେଶରେ ବା କାହାର ସ୍ୱାର୍ଥରେ ? ସବୁଠାରୁ ଦୁଃଖ, ପରିତାପ ଓ ଦୁର୍ଭାଗ୍ୟର ବିଷୟ ଯେ, ଆମ ପ୍ରଗଳ୍ଭ ପ୍ରଧାନମନ୍ତ୍ରୀ ଚାରି ଦିନ ଯାଏ ବି ଘଟଣା ସମ୍ବନ୍ଧରେ ପଦେ କହିଲେ ନାହିଁ କି ଅଭିଯୁକ୍ତ ହୋଇଥିବା ବ୍ୟକ୍ତିର ବାପା ତଥା କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ମନ୍ତ୍ରୀ ପଦରୁ ବିତାଡ଼ିତ କଲେ ନାହିଁ । ତା'ହେଲେ କ'ଣ ବୁଝିବାକୁ ହେବ ଯେ, ସମସ୍ତେ ଗୋଟିଏ ପଟେ ଥିବା ବେଳେ ବିଚରା ଚାଷୀମାନେ ଗୋଟିଏ ପଟେ ! ତେବେ କ'ଣ ଏହା ଏକ ଉନ୍ମତ ଯୁବକର କାଣ୍ଡ ନୁହେଁ, ଖୋଦ୍ ସରକାର ବି ଚାଷୀମାନଙ୍କୁ ଏମିତି ସାବାଡ଼୍ କରିବାକୁ ଚାହାନ୍ତି ?

ଦୀର୍ଘଦିନ ଧରି ଜାରି ରହିଥିବା ଚାଷୀ ଆନ୍ଦୋଳନକୁ ସରକାର ଭ୍ରୂକ୍ଷେପ ନକରିବା ଓ ଚାଷୀମାନଙ୍କ ଉପରେ ଗାଡ଼ି ମଡ଼େଇ ହତ୍ୟା କରିଥିବା ଅଭିଯୁକ୍ତକୁ ସୁରକ୍ଷା ଦେବା ଓ ସମୁଦାୟ ଘଟଣାରେ ଆମ ପ୍ରଧାନମନ୍ତ୍ରୀ ଅସମ୍ଭବ ଭାବେ ନୀରବତା ଅବଲମ୍ୱନ କରିବା ମାଧ୍ୟମରେ ସରକାର କ'ଣ ବାର୍ତା ଦେବାକୁ ଚାହୁଁଛନ୍ତି ଯେ, ସରକାର ଓ ପ୍ରଧାନମନ୍ତ୍ରୀ ପ୍ରତିବାଦର ଊର୍ଦ୍ଧ୍ୱରେ ! ସରକାରଙ୍କୁ କେହି ବିରୋଧ କରିପାରିବେ ନାହିଁ ? ଯଦି ଯିଏ ବିରୋଧ କରିବ, ସେମାନଙ୍କୁ ଲଖିମ୍ପୁର୍ ଖେରୀ ପରି ଘଟଣାକୁ



ସାମ୍ନା କରିବାକୁ ପଡ଼ିବ । ସରକାର କ'ଣ ତାଙ୍କ ବିରୋଧୀମାନଙ୍କୁ ଡରେଇ ଧମକେଇ ହତ୍ୟା କରି ସାବାଡ୍ କରିବାକୁ ଚାହୁଁଛନ୍ତି ! ଏହା କ'ଣ ବିଶ୍ୱର ବୃହତମ ଗଣତନ୍ତ୍ରର ପରିଚୟ ? ଏହା ସ୍ପଷ୍ଟ ଯେ, ଏପରି କାମ ଦ୍ୱାରା ସରକାର ବାର୍ତ୍ତା ଦେବାକୁ ଚାହୁଁଛନ୍ତି, ଲୋକମାନଙ୍କୁ ଡରିବାକୁ ହେବ । ନଡରିଲେ ମରିବ । ବଲିଉଡ୍‌ରେ ଗୋଟିଏ ଭୂତ ସିନେମା ଥିଲା 'ଡର୍‌ନା ମନା ହୈ' । ସରକାରଙ୍କ ଏହି ଚଳଚ୍ଚିତ୍ରର ନାଁ ହେବ 'ଡରନା ଜରୁରୀ ହୈ' ।

ଅଭିଯୁକ୍ତ ମନ୍ତ୍ରୀଙ୍କ ପୁଅ ଚାରି ଦିନ ଯାଏ ଖୋଲାରେ ବୁଲିବା ଦ୍ୱାରା ଗୋଟିଏ କଥା ତ ବୁଝି ହେଉଛି ଯେ, ଆମ ଦେଶର ଚାଷୀମାନଙ୍କ ଭାଗ୍ୟ ବଡ଼ବଡ଼ିଆ ନେତାମାନଙ୍କ ଗାଡ଼ିର ଚକା ତଳେ । କିନ୍ତୁ ଇତିହାସ ବାରମ୍ବାର ପ୍ରମାଣ କରିସାରିଛି ଯେ, କିଛି ଲୋକଙ୍କୁ କିଛି ଦିନ ପାଇଁ ବନ୍ଧୁକ ମୁନରେ ବା ପୋଲିସ୍ ଭୟରେ ବା ଗାଡ଼ିର ଚକା ତଳେ ପେଶି ଦେଇ ହେବ । କିନ୍ତୁ ସବୁ ଲୋକଙ୍କୁ ସବୁ ଦିନ ପାଇଁ ନୁହେଁ । କଥା କଥାରେ ରାମାୟଣର ଉଦାହରଣ ଦେଉଥିବା ଆମ ପ୍ରଧାନମନ୍ତ୍ରୀ ବୋଧେ ଭୂଲିଯାଉଛନ୍ତି ରାମାୟଣରେ ରାବଣର ଅହଂକାର ବି ରହିଲାନି । ଇତିହାସରେ ହିଟ୍‌ଲର୍ ଓ ମୁସୋଲିନୀଙ୍କ ପରି ନିଷ୍ଠୁର ଶାସକଙ୍କ ବଡ଼େଇ ବି ନିଶ୍ଚିହ୍ନ ହୋଇଗଲା । ସେହିପରି ପ୍ରଧାନମନ୍ତ୍ରୀ ମୋଦିଙ୍କ କ୍ଷମତାର ଔଦ୍ଧତ୍ୟ ବି ରହିବନି । ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନରତ ଚାଷୀଙ୍କ ମିଳିତ ଶକ୍ତି ଓ ଶହୀଦ୍ ହୋଇଥିବା ଚାଷୀଙ୍କ ବଳିଦାନ ଶାସନତନ୍ତ୍ରକୁ ଦିନେ ନା ଦିନେ ଉଚିତ୍ ଜବାବ୍ ଦେବ । ଏବେ ସାଧାରଣ ଲୋକମାନଙ୍କ ପାଇଁ ବି ଘଟଣାକୁ ଗମ୍ଭୀରତାର ସହିତ ବୁଝିବାର ସମୟ ଆସିଯାଇଛି । ଆଜି ଯେତେବେଳେ ଚକା ତଳେ ଚାଷୀମାନେ ମରୁଛନ୍ତି, ଆମେ ଯଦି ଚୁପ୍ ରହିବା ତେବେ ସମୟ ଆସିବ ସେ ଚକା ତଳେ ଆମ ପାଳି ବି ପଡ଼ିବ । ତେଣୁ ଦଳ ମତ ନିର୍ବିଶେଷରେ ସଂପ୍ରତି ଚାଷୀ ତଥା ଅନ୍ନଦାତାଙ୍କ ପଛରେ ଠିଆ ହେବାର ସମୟ ଆସିଛି । ନଚେତ୍ ଡରେଇ ଧମକେଇ ଶାସନ କରିବାକୁ ଇଚ୍ଛା ରଖିଥିବା ଗୋଷ୍ଠୀଙ୍କ ପରବର୍ତ୍ତୀ ଟାର୍ଗେଟ୍ ଯେ ଆମେ ନହେବା ସେକଥା କହି ହେବନାହିଁ ।




# ଏଗ୍ରୋ ଟୁରିଜିମ୍ ଓଡ଼ିଶା



**ଅନିଲ କୁମାର ମିଶ୍ର**
**କୃଷି ବିଶେଷଜ୍ଞ ,ଭୁବନେଶ୍ୱର**

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାରରେ ପହଁଚେ , ସେ ବିଷୟରେ ଜାଣିବା ପାଇ ଇଚ୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନର ଗନ୍ତବ୍ୟସ୍ଥଳ । କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ ।

ଦେଶର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି । ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ । ଏହା ସହିତ ଉପକୂଳବର୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚ଼ିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ । ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ ଓଡିଶା ବହୁତ ଆଗରେ ।

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମାଛଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ ।

# କୃଷି ପର୍ଯ୍ୟଟନ କୃଷି, କୃଷକ, ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର

◆ ଚାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ । କୃଷି ପର୍ଯ୍ୟଟନ ଚାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତିତ ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ ।

◆ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାରରେ ଚାଷୀ ଅଧିକ ଲାଭବାନ ହୋଇପାରିବ ।

◆ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ ।

◆ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚତୁରତା ସହିତ ଚାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ ।

◆ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ ।

◆ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

◆ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟ ର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

◆ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟରେ ବୃଦ୍ଧି ହେବା ସହ ସ୍ଥାନୀୟ ଅ*ଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ ।

◆ ପଡୋଶୀ କ୍ଷୁଦ୍ର ଚାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକଙ୍କୁ ଅଧିକ ଲାଭଦାୟକ କରିପାରିବ । ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକର ଉନ୍ନତି ହୋଇପାରିବ ।



# ପ୍ରକୃତିପ୍ରେମୀ ଶ୍ରୀନିବାସ ଓ ପଦ୍ମିନୀ

**ସା**ମାଜିକ ପ୍ରାଣୀ ହୋଇ ଗଛ କୁ ଭଲପାଇବା ଏକ ନିଆରା ଅନୁଭୂତି । ଗଛ ଆଉ ମଣିଷର ସମ୍ପର୍କ ଆଜି ବି ଦେଖିବାକୁ ମିଳେ । ଏମିତି ଏକ ଦମ୍ପତି ଶ୍ରୀନିବାସ ଓ ପଦ୍ମିନୀ । ଗଛ ଲଗାଇବାକୁ ନିଜର ଧର୍ମ ବୋଲି ମାନିନେଇଛନ୍ତି ଶ୍ରୀନିବାସ ଜେନା । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ଶ୍ରୀନିବାସ ଯେଉଁଦିନ ଜୁନ ପା* ତାରିଖ ଦିନ ଜନ୍ମଗ୍ରହଣ କରିଛନ୍ତି ସେଇ ଦିନ ହେଉଛି ବିଶ୍ୱ ପରିବେଶ ଦିବସ ।ନିଜର ଜନ୍ମଦିନକୁ ଆହୁରି ସ୍ମରଣୀୟ କରିବା ଲାଗି ନିଜକୁ ଜଣେ ପ୍ରକୃତି ପ୍ରେମୀ ଭାବରେ ଗଢି ତୋଳିଛନ୍ତି ଶ୍ରୀନିବାସ ଜେନା । ୨୦୦୩ ମସିହାରୁ ବୃକ୍ଷରୋପଣ କରିବା ନିଜର ଏକ ନିତିଦିନିଆ ଅଭ୍ୟାସରେ ପରିଣତ କରିଛନ୍ତି ଶ୍ରୀନିବାସ ଜେନା ।ନିଜ ପଂଚାୟତ ରୁ ଆରମ୍ଭ କରି ନିଜ ଜିଲ୍ଲା ଏବଂ ଜିଲ୍ଲା ବାହାରେ ମଧ୍ୟ ଲକ୍ଷାଧିକ ବୃକ୍ଷରୋପଣ କରି ପ୍ରକୃତିର ରାଜା ପାଲଟିଯାଇଛନ୍ତି ଶ୍ରୀନିବାସ ଜେନା ।

ନିଜ ଜିଲାରେ ଟ୍ରି-ମ୍ୟାନ ଭାବରେ ପରିଚିତ ଶ୍ରୀନିବାସ ଆଜି ୫୭ ବର୍ଷ ବୟସରେ ପହ*ଥିଲେ ମଧ୍ୟ ଥକିଯାଇନାହାନ୍ତି କିମ୍ବା ହାରିଯାଇନାହାନ୍ତି ।ବୃକ୍ଷ ହିଁ ଜୀବନ, ଗୋଟିଏ ଗଛ ତିଆରି କରିବା ଗୋଟିଏ ମଣିଷ ତିଆରି କରିବା ସହ ସମାନ ବୋଲି କହିଛନ୍ତି ଶ୍ରୀନିବାସ ଜେନା ।ଗଛ ସୃଷ୍ଟି କରିବାକୁ ସେ ଯୁବ ପିଢୀକୁ ଆହ୍ୱାନ ଦେଇଛନ୍ତି ।ଓଡିଶାର ଚାରି କୋଟି ଲୋକଙ୍କୁ ବାର୍ତା ପ୍ରଦାନ କରି ଶ୍ରୀନିବାସ କହିଛନ୍ତି ପ୍ରତେକ ଲୋକ ନିଶ୍ଚିତ ତାର ଜୀବନ କାଳ ଭିତରେ ଅତି ବେଶୀରେ ଦଶଟି ଗଛ ଲଗାଇବା ଦରକାର ।ଗଛ ସୃଷ୍ଟି ହେଲେ ପାଣିର ଅଭାବ ରହିବ ନାହିଁ କିମ୍ବା ଅକ୍ସିଜେନର ଅଭାବ ମଧ୍ୟ ଦୂର ହେଇ ପାରିବ ବୋଲି ମତାମତ ଦେଇଛନ୍ତି ଶ୍ରୀନିବାସ ଜେନା ।ଗଛର ସୁରକ୍ଷା ହେଇପାରିଲେ ମଣିଷର ସୁରକ୍ଷା ମଧ୍ୟ ହେଇପାରିବ ବୋଲି କହିଛନ୍ତି ଶ୍ରୀନିବାସ ଜେନା ।

ଦୀର୍ଘ ଅଠର ବର୍ଷ ଭିତରେ ପ୍ରାୟ ଦଶ ଲକ୍ଷରୁ ଅଧିକ ଗଛ ଲଗାଇ ନିଜ ପାଇଁ ଏବଂ ଯାଜପୁର ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି

ଶ୍ରୀନିବାସ ଜେନା । ବୃକ୍ଷରୋପଣ କରି ଓଡ଼ିଶାର ଯୁବପୀଢ଼ିଙ୍କ ପାଖରୁ ଆରମ୍ଭ କରି ବୟସ୍କ ବ୍ୟକ୍ତିଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ଶ୍ରୀନିବାସ ଜେନା । ଶ୍ରୀନିବାସଙ୍କଧର୍ମପତ୍ନୀ ପଦ୍ମିନୀ ଜେନା ମଧ୍ୟ ପ୍ରକୃତି ପ୍ରେମରେ ପଡିଯାଇଛନ୍ତି ।ପ୍ରତେକ ଦିନ ଶ୍ରୀମତୀ ପଦ୍ମିନୀ ଜେନା ଗାଧୋଇ ସାରି ଚ଼ଉଁରା ମୂଳରେ ପୂଜା କରିବା ସହିତ ଗଛର ପୂଜା ମଧ୍ୟ କରିଥାଁ ନିଜ ସ୍ୱାମୀଙ୍କ ପଥରେ ଅନୁପ୍ରାଣିତ ହୋଇ ପଦ୍ମିନୀ ଜେନା ମଧ୍ୟ ଅନେକ ବୃକ୍ଷରୋପଣ କରିଛନ୍ତି ।ଶ୍ରୀନିବାସ ଜେନା ଏବଂ ପତ୍ନୀ ପଦ୍ମିନୀ ଜେନାଙ୍କର ଏଭଳି ମହତ କାର୍ଯ୍ୟ ଲାଗି ବିଧାୟକ ପ୍ରଣବ ବଳବନ୍ତରାଏ ମଧ୍ୟ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବହୁତ ପ୍ରଶଂସା କରିଛନ୍ତି ।ଏବେ ଶ୍ରୀନିବାସ ଜେନା ଯେଉଁଆଡ ବୃକ୍ଷରୋପଣ କରିବାକୁ ଯାଉଛନ୍ତି ସାଙ୍ଗରେ ନିଜ ଧର୍ମପତ୍ନୀଙ୍କୁ ସାଙ୍ଗରେ ନେଇ ଯାଉଛନ୍ତି ।ଶ୍ରୀଯୁକ୍ତ ଶ୍ରୀନିବାସ ଜେନାଙ୍କର ବୃକ୍ଷରୋପଣ କରିବା ଏକ ନିଶା ପଲଟିଯାଇଛି ।ଏହା ଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଲୋକ ଶ୍ରୀଯୁକ୍ତ ଜେନାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଧନ୍ୟବାଦ ମଧ୍ୟ ଦେଇଛନ୍ତି ।ଶ୍ରୀଯୁକ୍ତ ଜେନା କହିଛନ୍ତି ଓଡ଼ିଶାର ଯେକୌଣସି ଜାଗାରେ ଯିଏ ଗଛ ଲଗାଇବାକୁ ଚ଼ାଂହୁଥିବେ ସେ ତାଙ୍କୁ ସବୁ ପ୍ରକାର ସାହାଯ୍ୟ କରିବାର ପ୍ରତିଶୃତି ଦେଇଛନ୍ତି ଶ୍ରୀନିବାସ ଜେନା । ଗଛ ମୋର ବନ୍ଧୁ ବୋଲି କହିଛନ୍ତି ଶ୍ରୀନିବାସ ଜେନା ।ଶ୍ରୀଯୁକ୍ତ ଜେନା କହିଛନ୍ତି ତାଙ୍କ ଧର୍ମପତ୍ନୀ ପଦ୍ମିନୀ ଜେନାଙ୍କ ସହଯୋଗ ଦ୍ୱାରା ସେ ଏସବୁ କରି ପାରୁଛନ୍ତି ।ବୃକ୍ଷପ୍ରେମରେ ପଡିଥିବା ଶ୍ରୀନିବାସ ଜେନାଙ୍କୁ ମିଳିଛି ଅନେକ ପୁରସ୍କାର ଆଉ ସମ୍ବର୍ଦ୍ଧନା ।ବିଭିନ୍ନ ସାମାଜିକ ଅନୁଷ୍ଠାନ ଆଉ ଜିଲ୍ଲା ସ୍ତରରେ ଜଣେ ପ୍ରକୃତି ପ୍ରେମୀଭାବରେ ପୁରସ୍କୃତ ହେଇଛନ୍ତି ଶ୍ରୀନିବାସ ଜେନା ।ପୁରସ୍କାର ଆଉ ସମ୍ବର୍ଦ୍ଧନା ତାଙ୍କୁ ଆଗକୁ ଯିବାକୁ ପ୍ରେରଣା ଆଉ ଉତ୍ସାହିତ ଦେଇଛି ବୋଲି କହିଛନ୍ତି ଶ୍ରୀନିବାସ ଜେନା । ନିଜର ପିଲାଦିନ ବହୁତ ଦୁଃଖରେ କାଟିଥିବା ଶ୍ରୀନିବାସ ଜେନା ଆଜି ସମାଜସେବାରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି । ଗଛ ଲାଗିବାରେ ଯେତିକି ଲୋକପ୍ରିୟତା ଅର୍ଜନ କରିଛନ୍ତି ସମାଜସେବାରେ ମଧ୍ୟ ବହୁତ କାର୍ଯ୍ୟ କରୁଛନ୍ତି ଶ୍ରୀନିବାସ ଜେନା । ରାଜନୀତିରେ କୌଣସି ପଦ ପଦବୀରେ ନ ଥାଇ ମଧ୍ୟ ଗାଁ ର ଗରିବ ଲୋକଙ୍କୁ ଆର୍ଥିକ ସାହାଯ୍ୟ କରୁଛନ୍ତି ଶ୍ରୀନିବାସ ଜେନା ।ଏହାଛଡା ଶ୍ରୀନିବାସ ଜେନା ଧର୍ମଶାଳା ବ୍ଲକର ଅନେକ ପଂଚ଼ାୟତରେ ପାନୀୟ ବ୍ୟବସ୍ଥାର ସୁବିଧା ଲାଗି ନଳକୂପ ତିଆରି କରିଛନ୍ତି ।

ଶ୍ରୀନିବାସ ଜେନା କେବଳ ଯାଜପୁର ଜିଲ୍ଲାରେ ନୁହେଁ ବରଂ ପୁରା ଓଡ଼ିଶାରେ ସୃଷ୍ଟି କରିଛନ୍ତି ଉଦାହରଣ ।ଚ଼ଳିତ ବର୍ଷ ଶ୍ରୀଯୁକ୍ତ ଶ୍ରୀନିବାସ ଜେନା ଆଉ ପତ୍ନୀ ପଦ୍ମିନୀ ଜେନା ପ୍ରାୟ ପଚ଼ିଶହଜ଼ାର ବୃକ୍ଷରୋପଣ କରିବାକୁ ଲକ୍ଷ ରଖିଛନ୍ତି ।ଉଭୟ ସ୍ୱାମୀ ସ୍ତ୍ରୀ ସମସ୍ତ ଯୁବପୀଢ଼ିଙ୍କୁ ନିଜର ଜନ୍ମଦିନରେ ଅତି ବେଶୀରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଛନ୍ତି ।ପ୍ରତେକ ସ୍ୱାମୀ ସ୍ତ୍ରୀ ଙ୍କୁ ମଧ୍ୟ ଶ୍ରୀନିବାସ ଜେନା ଆଉ ପଦ୍ମିନୀ ଜେନା କହିଛନ୍ତି ଯେଉଁମାନେ ବିବାହ ବାର୍ଷିକ ପାଳନ କରୁଛନ୍ତି ସେଇଦିନ ମଧ୍ୟ ଯଦି ଗୋଟିଏ ଗଛ ସୃଷ୍ଟି କରି ପାରନ୍ତେ ତେବେ ତାଙ୍କ ଦାମ୍ପତ୍ୟ ଜୀବନ ଆହୁରି ଖୁସିରେ କଟିପାରନ୍ତା ।ବୃକ୍ଷ ଆମର ଜୀବନ ଆଉ ବୃକ୍ଷ ବଂଚାଇବା ଦାଇତ୍ୱ ଆମର ବୋଲି କହିଛନ୍ତି ଶ୍ରୀମତୀ ପଦ୍ମିନୀ ଜେନା ।

ଶ୍ରୀମତୀ ପଦ୍ମିନୀ ଜେନା ଆହୁରି କହିଛନ୍ତି ପ୍ରତେକ ସ୍ୱାମୀ ସ୍ତ୍ରୀ ଯେମିତି ଗୋଟିଏ ପୁଅ ଝିଅପାଇଁ ଯେମିତି ଦାଇତ୍ୱ ନେଉଛଁ ଠିକ ସେମିତି ଯଦି ଗୋଟିଏ ଗୋଟିଏ ଗଛ ସୃଷ୍ଟି କରିବାର ଦାଇତ୍ୱ ନେଇ ପାରିବା ତେବେ ଆମ ପ୍ରକୃତିର ସୁରକ୍ଷା ହେଇପାରିବ । ବୃକ୍ଷରୋପଣ କରିବା ଦ୍ୱାରା ପ୍ରତେକ ବର୍ଷ ବର୍ଷାର ଅଭାବ ଆଉ ଅନେକ ପ୍ରାକୃତିକ ଦୁର୍ବିପାକରୁ ଆମ ସମାଜକୁ ରକ୍ଷା କରି ପାରିବା ବୋଲି କହିଛନ୍ତି ଶ୍ରୀନିବାସ ଜେନା ।ପରିବେଶ ଆମର ଏବଂ ଏହାର ଦାୟିତ୍ୱ ସରକାର ଉପରେ ନ ଛାଡି ପ୍ରତେକ ବ୍ୟକ୍ତି ନିଜ ଉପରେ ନେବା ଉଚ଼ିତ ବୋଲି ଉପଦେଶ ଦେଇଛନ୍ତି ପ୍ରକୃତିପ୍ରେମୀ ଆଉ ପରିବେଶବିତ ଶ୍ରୀଯୁକ୍ତ ଶ୍ରୀନିବାସ ଜେନା ।ଜୀବନରେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଉଭୟ ସ୍ୱାମୀ ସ୍ତ୍ରୀ ବୃକ୍ଷରୋପଣ କରୁଥିବେ ବୋଲି କହିଛନ୍ତି ଶ୍ରୀନିବାସ ଜେନା ଆଉ ପଦ୍ମିନୀ ଜେନା ।ବର୍ତମାନ ପର୍ଯ୍ୟନ୍ତ ଯାଜପୁର ବ୍ୟତୀତ, ବାଲେଶ୍ୱର, ଆଠଗଡ଼, ଭଦ୍ରକ ଆଉ ଜଗତସିଂହପୁରର କିଛି ଜାଗାରେ ବୃକ୍ଷରୋପଣ କରି ସାରିଛନ୍ତି ।ନିଜର ଅବସର ସମୟରେ ଶ୍ରୀନିବାସ ବିଭିନ୍ନ ବୃକ୍ଷ ଉପରେ ଆଧାରିତ ଲେଖା ମଧ୍ୟ ପଢ଼ିଥାନ୍ତି ।ଗ୍ରାମାଂଚଳରେ ଆୟୋଜିତ ହେଉଥିବା ଖେଳାଳି ଯୁବକ ଯୁବକ ମାନଙ୍କୁ ମଧ୍ୟ ଅନେକ ସମୟରେ ବୃକ୍ଷ ଉପରେ ସଚେତନତା ବାର୍ତା ପ୍ରଦାନ କରିଥାନ୍ତି ଶ୍ରୀନିବାସ ଜେନା ।ଶ୍ରୀନିବାସ ଜେନା କୁହନ୍ତି ଗଛ ମୋର ବନ୍ଧୁ ଆଉ ଜୀବନ ସାରା ଗଛ ସହିତ ସେ ଏମିତି ସମ୍ପର୍କ ରଖିବାକୁ ପ୍ରତିଜ୍ଞାବଦ୍ଧ ।

**( ଶ୍ୟାମଳ ସୁବର୍ଣ୍ଣ ବ୍ୟୁରୋ ବିଭାଗ )**



# ଜୈବିକ ସାର- ପ୍ରୟୋଗ ଓ ବ୍ୟବହାର


## କଲ୍ୟାଣୀ ପ୍ରଧାନ

ସହକାରୀ ପ୍ରାଧ୍ୟାପିକା
ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ


ଜମିର ଉର୍ବରତା ବୃଦ୍ଧି ନିମନ୍ତେ ପ୍ରୟୋଗ କରାଯାଉଥିବା ସହାୟକ ସୂକ୍ଷ୍ମ ଜୀବମାନଙ୍କୁ (ଜୀବାଣୁ , ଫିମ୍ପି , ନୀଳଶୈବାଳ) ଜୈବିକ ସାର କୁହାଯାଏ । ଏହାର ବ୍ୟବହାର ଦ୍ୱାରା ଆବଶ୍ୟକୀୟ ପୋଷକ ତତ୍ୱ ଗୁଡ଼ିକର ଉପଲବ୍ଧତା ବଢ଼ିଯାଏ । ପ୍ରାଥମିକ ଅବସ୍ଥାରେ ଏହା ଗଛର ଚେର ପାଖରେ ଦରକାରୀ ସଂଖ୍ୟାରେ ରହି କ୍ଷମତା ଅନୁସାରେ ଅନୁକୂଳ ସ୍ଥିତିରେ ବାୟୁମଣ୍ଡଳୀୟ ଯବକ୍ଷାରଯାନର ସ୍ଥିରିକରଣ ଓ ମାଟିରେ ଉପସ୍ଥିତ ଅଦ୍ରବଣୀୟ ଫସଫରସ୍ , ପଟାସ ,ଲୌହ ଆଦି ପୋଷକ ତତ୍ୱ ଗୁଡ଼ିକୁ ଦ୍ରବଣୀୟ କରାଇ ଗଛ ପାଇଁ ଉପଲବ୍ଧ କରାଇଥାଏ । ଏହି ଦରକାରୀ ସୂକ୍ଷ୍ମ ଜୀବମାନଙ୍କର ମାତୃଦ୍ରବ ବିକଶିତ କରାଇ ଆବଶ୍ୟକୀୟ ମାତ୍ରାରେ ପ୍ରସ୍ତୁତ କରାଇ କୌଣସି ବାହକ ଦ୍ୱାରା ଅଥବା ଜୈବିକ ସାର ଭାବେ ଫସଲରେ ବ୍ୟବହାର କରାଯାଇଥାଏ । କୌଣସି ଜୈବିକ ସାର ପ୍ରସ୍ତୁତିରେ ପୋଷକ ତତ୍ୱ ଉପଲବ୍ଧ କରାଯାଏନାହିଁ । କିନ୍ତୁ ଜୈବିକ ସାରର ପ୍ରତ୍ୟେକ ଗ୍ରାମ ବା ମିଲି ପିଛା ଏହି ଜୀବାଣୁ ମାନଙ୍କ ଆବଶ୍ୟକୀୟ ସଂଖ୍ୟା ନିର୍ଦ୍ଧାରିତ ହୋଇଥାଏ । ଆଧୁନିକ କୃଷିପ୍ରଣାଳୀରେ ଜୈବିକ ସାରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଏହା ପରିବେଶ ମିତ୍ର , ପ୍ରଦୂଷଣ ମୁକ୍ତ , ମୃର୍ତ୍ତିକା ଜୀବନଦାୟିନୀ , ସୁଲଭ ଓ ପୂର୍ଣ୍ଣ ମାତ୍ରାରେ ଲାଭକାରୀ ଭାବେ ଗୃହୀତ ହୋଇପାରିଛି ।

# ତରଳ ଜୈବିକ ସାରର ଲାଭକାରୀ ଗୁଣ -

√ ଜୀବାଣୁ ମାନଙ୍କର ସଂଖ୍ୟା - ଦଶକୋଟି ଜୀବାଣୁ ପ୍ରତି ମିଲି ୨୪ ମାସ ଯାଏଁ ଜୀବିତ ରୁହନ୍ତି ଏବଂ ଅନ୍ୟ ଅନାବଶ୍ୟକ ଜୀବାଣୁର ସଂଖ୍ୟା ଅତି ନଗଣ୍ୟ ଥାଏ ।

√ ଏକ ବିଶେଷ ଗନ୍ଧ ଦ୍ୱାରା ଏମାନଙ୍କୁ ଚିହ୍ନଟ କରାଯାଇପାରେ ।

√ ଏଥିରେ ଏନ୍‌ଜାଇମ୍ର ସକ୍ରିୟତା ଅଧିକ ଥାଏ ।

√ ପ୍ରତ୍ୟେକ ପ୍ରଜାତିର ଜୀବାଣୁର କାର୍ଯ୍ୟକ୍ଷମତାରେ ଭିନ୍ନତା ଏବଂ ଜମିରେ ରାସାୟନିକ, ଭୌତିକ ଓ ଜୈବିକ ସ୍ଥିତି ଅନୁସାରେ ହିଁ ଫସଲ,ପାଣିପାଗ ଓ ଜମିରେ ଏହାର ବଂଶବୃଦ୍ଧି କାରଣରୁ ସୁଫଳରେ ଭିନ୍ନତା ହୋଇଥାଏ ।

√ ଏହା ରାସାୟନିକ ସାରର ବିକଳ୍ପ ଅଟେ

√ ଫସଲ ଉତ୍ପାଦନର ହାର ୧୦-୨୦% ବୃଦ୍ଧି ପାଇଥାଏ ।

√ ଏହା ମିତ୍ର ଜୀବାଣୁମାନଙ୍କ ସଂଖ୍ୟା ବୃଦ୍ଧିରେ ସାହାଯ୍ୟ କରିଥାଏ ।

√ ଏହାର ପ୍ରୟୋଗ ଦ୍ୱାରା ଉର୍ବରତା ଓ ଉତ୍ପାଦକତାର ହାର ବୃଦ୍ଧି ପାଏ ।

√ ଏହା ଫସଲର କ୍ଷତିକାରକ ଜୀବାଣୁ , ଭୂତାଣୁ ମାନଙ୍କର ବିନାଶ କରିଥାଏ ।

## ପ୍ରୟୋଗ ବିଧି-

### ମଂଜି ଉପଚାର -

ଏହି ବିଧିକୁ ଅଧିକ ଉପଯୁକ୍ତ ମନାଯାଏ ଯେଉଁଥିରେ ଜୈବିକ ସାରର ପରିମାଣ ହିଁ କମ୍ ଲାଗିଥାଏ । ଏହାର ପ୍ରଭାବ ମଂଜି ନିକ୍ଷେପ ସମୟରେ ହିଁ ଦେଖିବାକୁ ମିଳିଥାଏ । ଏହି ପ୍ରଣାଳୀରେ ତରଳ ଜୈବିକ ସାରର ୨୫୦ମିଲିକୁ ୨ରୁ ୩ ଲିଟର ପାଣିରେ ମିଶାଇ ପ୍ରସ୍ତୁତ କରାଯାଏ । ଏହି ଘୋଳକୁ ୫୦ ରୁ ୭୦ କିଗ୍ରା ମଂଜି ଉପରେ ଢ଼ାଳି ହାତରେ ମିଶାଯାଏ । ୧୫ ରୁ ୨୦ ମିନିଟ ପରେ ଏହା ଶୁଖିଗଲେ ଶୋଧିତ ମଂଜିକୁ ଯଥାଶୀଘ୍ର ବୁଣିଦିଆଯାଏ ।ବିଭିନ୍ନ ଡ଼ାଲିଜାତୀୟ ଫସଲ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ।

## ଚେର ଉପଚାର -

ଚାରା ରୋପଣ କରାଯାଉଥିବା ଫସଲ ପାଇଁ ବେଶ ଉପଯୋଗୀ ।ଏହି ପ୍ରଣାଳୀରେ ଜୈବିକ ସାରର ମାତ୍ରା ମଂଜି ଉପଚାର ପ୍ରଣାଳୀ ଠାରୁ ଅଧିକ ଲାଗିଥାଏ । ଏହି ପ୍ରଣାଳୀରେ ୨୫୦ମିଲି ଜୈବିକ ସାରକୁ ୪ରୁ ୫ ଲିଟର ସଫା ପାଣିରେ ମିଶାଇ ଘୋଳ ପ୍ରସ୍ତୁତ କରନ୍ତୁ। ଚାରାର ଚେରକୁ ଏଥିରେ ୨୦ରୁ ୨୫ ମିନିଟ ଯାଏଁ ବୁଡ଼ାଇ ରଖନ୍ତୁ । ଉପଚାରିତ ଚାରାକୁ ଶୁଖାଇ ରଖନ୍ତୁ ।ଶୁଖିଯିବା ପରେ ଏହାକୁ ରୋପଣ କରିପାରିବେ

## ଜମି ଉପଚାର -

ଉପରୋକ୍ତ ଦୁଇ ପ୍ରଣାଳୀରେ ପ୍ରୟୋଗ ନହୋଇପାରିବା ଅବସ୍ଥାରେ ଜମି ଉପଚାର କରାଯାଇଥାଏ । ଏହି ପ୍ରଣାଳୀରେ ପ୍ରତି ଏକର ପିଛା ୩୦୦ରୁ ୪୦୦ ମିଲି ଜୈବିକ ସାରର ବ୍ୟବହାର ହୋଇଥାଏ । ୧୦୦ରୁ ୨୦୦ କିଗ୍ରା ସଢ଼ା ଗୋବର ଖତରେ ୩୦୦ରୁ ୪୦୦ ମିଲି ଜୈବିକ ସାରକୁ ୪୦% ଜଳୀୟଅଂଶ ସହ ୧୫-୨୦ ଦିନ ରଖିବା ପରେ ବ୍ୟବହାର କରାଯାଏ ।

## ସାବଧାନତା -

ଜୈବିକ ସାରକୁ ଖରା ଠାରୁ ଦୂରରେ ରଖନ୍ତୁ ଫସଲ ଓ ପାଣିପାଗ ଅନୁଯାୟୀ ବ୍ୟବହାର କରନ୍ତୁ ।ରାସାୟନିକ ସାର ଓ କୀଟନାଶକ ଠାରୁ ଦୂରରେ ରଖନ୍ତୁ ।



# ଶୀତଦିନିଆ ପନିପରିବା ଫସଲରେ ଫ୍ଲି ବିଟିଲ ନିୟନ୍ତ୍ରଣ

ଶୀତ ଦିନେ ହେଉଥିବା ପନିପରିବା ଫସଲ ଯେପରିକି ଫୁଲକୋବି, ବନ୍ଧାକୋବି, ଗଣ୍ଠିକୋବି, ମୂଳା, ବ୍ରୋକୋଲି, ଗାଜର, ବିଟ ଇତ୍ୟାଦି ର ଫ୍ଲି ବିଟିଲ ହେଉଛି ଏକ ମୁଖ୍ୟ ଶତ୍ରୁକୀଟ । ବୟସ୍କ ପୋକ ଟି ଛୋଟ (୪ ମି. ମି) ଓ ଗାଢ଼ କଳା ରଙ୍ଗ ର ହେଇଥାନ୍ତି । ଆଉ ଅଧିକାଂଶ ସମୟରେ ଏମାନେ ଚ଼ମକିଲା ପରି ଦେଖାଯାଆନ୍ତି । ଏମାନେ ଗଛରୁ ଗଛ ଡିଅନ୍ତି ଆଉ ଶୁଖିଲା ଓ ଗରମ ପାଣିପାଗ ଏମାନଙ୍କୁ ସୁହାଏ । ଉଭୟ ଯୁବ ଏବଂ ବୟସ୍କ ପୋକ ମାନେ ଗଛ ପାଇଁ କ୍ଷତିକାରକ । ମାଟିରେ ଅଣ୍ଡା ରୁ ବାହାରି ଲାର୍ଭା ମାନେ ଗଛ ର ମୂଳ ଖାଇଥାନ୍ତି ଏବଂ ବୟସ୍କ ପୋକ ମାନେ ଗଛ ର ପତ୍ର କୁ କାଟି ଖାଇଥାନ୍ତି ଯାହା ଫଳରେ ପତ୍ର ର ଅଧିକାଂଶ ଅଂଶରେ ଛୋଟ ଛୋଟ କଣା ଦେଖାଯାଏ । ପତ୍ରର ଧାରକୁ ମଧ୍ୟ ଏମାନେ କାଟି ଖାଇଥାନ୍ତି । ସୃଷ୍ଟି ହେଇଥିବା କଣା ଚ଼ାରିପାଖେ ଥିବା ପତ୍ର ର ଅଂଶଗୁଡିକ ହଳଦିଆ କିମ୍ବା ଧଳା ରଙ୍ଗର ହେଇଯାଏ । ଅତ୍ୟାଧିକ ଆକ୍ରାନ୍ତିତ ଗଛର ପତ୍ର ସବୁ ଶୁଖି ହଳଦିଆ ହେଇଯାଏ, ଆଲୋକ ସଂଶ୍ଲେଷଣ କମିଯାଏ ଆଉ ଗଛଟି ମରିଯାଏ ।

## ପରିଚ଼ାଳନା

୧) ଶୀଘ୍ର ଗଛ ଲଗେଇଲେ ପୋକ ଆକ୍ରମଣକୁ ଦୁରେଇ କରିହେବ ।

୨) ଅନବନା ଘାସ ନିୟନ୍ତ୍ରଣ ଓ ଜମି କୁ ପରିଷ୍କାର ରଖିବା ନିହାତି ଜରୁରୀ ।

୩) ଚ଼ାରା ଲଗେଇବା ପୂର୍ବରୁ ଗହିରିଆ ଚ଼ାଷ କଲେ ମାଟିରେ ଥିବା ପୋକ ର ଅଣ୍ଡା ଓ ଲାର୍ଭା ସବୁ ନଷ୍ଟ ହେଇଯାଆନ୍ତି ।

୪) ସନ୍ତୁଳିତ ଭାବେ ସାର ଓ ପିଡ଼ିଆ ର ପରିଚ଼ାଳନା କରନ୍ତୁ ।

୫) ବିଟିଲକୁ ଆକର୍ଷଣ କରୁଥିବା ଜାଲ ଫସଲ କିମ୍ବା ଯନ୍ତା ଫସଲ ଲଗାନ୍ତୁ ।

୬) ଉଚ଼ିତ ଜଳସେଚ଼ନ କରନ୍ତୁ ।

୭) ଅମଳ ପରେ ଗଛ ଅବଶେଷ କୁ ପୋଡି କିମ୍ବା ପୋତି ଦିଅନ୍ତୁ ।

୮) କ୍ଲୋରୋପାଇରିଫସ କିମ୍ବା ମାଲାଥିଅନ ଫର୍ମୁଲା ଯୁକ୍ତ କୀଟନାଶକ ବ୍ୟବହାର କରନ୍ତୁ ।

ରୁଦ୍ର ପ୍ରତାପ ସୁବୁଦ୍ଧି, ସହକାରୀ ପ୍ରାଧ୍ୟାପକ ମିଟସ୍, ରାୟଗଡ଼ା

# ଅନୁଭୂତିରୁ ପଦେ ...



**ଡି.ଶୁଭମ**
ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ

**ଶ୍ୟା**ମଳ ସୁବର୍ଣ୍ଣ ୨୦୧୮ ମସିହାରେ ଯେବେ ଆରମ୍ଭ କରିବାର ଚେଷ୍ଟା କରିଥିଲି ସେବେ ଚାଷ କଣ ଜାଣିନଥିଲି, କେବଳ କ୍ଲାସରୁମର ଶିକ୍ଷା ଭିତରେ ସୀମିତ ଥିଲି । ନା କୌଣସି ଚାଷୀଙ୍କ ସହ ମିଶିଥିଲି ନା ସେ ଚାଷର ଗହନ କଥାକୁ ବୁଝିଥିଲି । ପରବର୍ତ୍ତୀ ସମୟରେ ଅନେକ ଗାଁକୁ ଗଲି, ଚାଷୀଙ୍କ ସହ ମିଳିଲି । ସେମାନଙ୍କ ସହ କ୍ଷେତରେ ସମୟ ବି କାଟିଲି । ସେବେ ଜାଣିଲି ଏ କୁଶଳୀ କାରିଗର ମାନଙ୍କ ମହନୀୟତା ବିଷୟରେ । ପତ୍ରିକାରେ ସବୁ ସଂଖ୍ୟାରେ ସେଥିପାଇଁ କେବଳ କୃଷି ଭିତିକ ତଥ୍ୟକୁ ସ୍ଥାନ ଦେବାକୁ ଚେଷ୍ଟା କରିଛି । ତେବେ ଏ ଭିତରେ ଚାଷୀଙ୍କ ସହ ମିଶି ସେମାନଙ୍କ ଚାଷ ପ୍ରତି ଆଗ୍ରହ ହେଉ କିମ୍ବା ସେମାନଙ୍କ କାର୍ଯ୍ୟଦକ୍ଷତା ଓ ନିପୁଣତା ବିଷୟରେ ଅନେକ କିଛି ଜାଣିବାକୁ ପାଇଲି । ସେସବୁକୁ ଲୋକଲୋଚନକୁ ଆଣିବାକୁ ମୋର ଏ କ୍ଷୁଦ୍ର ପ୍ରୟାସ ଅନୁଭୂତିରୁ ପଦେ ।

ଚାଷୀ କେବେ ବସିନି । ଚାଷୀ ମନଦୁଃଖ କରିଛି , ଅନୁତାପ କରିଛି କିନ୍ତୁ ନିଜ କର୍ତବ୍ୟ ପଥରୁ ବିଚ୍ୟୁତ ହୋଇନାହିଁ । ସେ ସୃଷ୍ଟି କରିଛି ଆଦର୍ଶ ଓ ବାସ୍ତବତାର ନୂଆ ଏକ ରୂପରେଖ । ସେ କାଦୁଅ ବିଲରେ ପଶେ କିନ୍ତୁ ଶେଷରେ ସୁବର୍ଣ୍ଣର ମାହୋଲ ବି ରଚନା କରିଦିଏ । ଆଉ ଏଇ କରୋନାର ଭୟାବହତା ଆଉ ଡ଼ର ଭିତରେ ସମସ୍ତେ ଆମେ ଘରେ ସୁରକ୍ଷିତ ରହୁଛନ୍ତି ସତ କିନ୍ତୁ ଚାଷୀର ମନ ସେଇ ଚାଷ ଜମିରେ । ସେ ପରା ତାର ମାନସ ସନ୍ତାନ । ଦିହେଁ ଦୁହିଁକୁ ଛାଡ଼ି କେମିତି ବି ରହିବେ । ବର୍ଷ ବର୍ଷ ଧରି ଏଇ ଅତୁଟ ସମ୍ପର୍କକୁ ଯିଏ ଛିନ୍ନ କରିପାରିନି , ଏ ଭୟାବହତା କଣ ବା କରିବ । ଆଜି ବି ଚାଷୀ ଚାଷ ଜମିରେ ବେଶ ଖୁସିରେ ଚାଷ କରୁଛି । ସରକାରଙ୍କ ନିର୍ଦ୍ଦେଶକୁ ପାଳନ କରୁଛି । ସାମାଜିକ ଦୂରତା ରଖି ଚାଷ ବି କରୁଛି । ଅଖିମୁଠି ଅନୁକୂଳ ହାଇସାରିଥିବା ବେଳେ ଏବେ ବିହନ ବୁଣାର ସମୟ ।

ଧାନ ଓଡ଼ିଶାର ମୁଖ୍ୟ ଫସଲ । ଓଡ଼ିଶାର ଅର୍ଦ୍ଧ ?କାଂଶ ଚାଷୀ ଧାନ ଉପରେ ନିର୍ଭରଶୀଳ । ଏବେ ଖରିଫ ଋତୁରେ ଧାନ ଚାଷ ହେବ । ବହିନ ବୁଣା ଆରମ୍ଭ ହେବ । ତଳି ପଡ଼ିବ । ରୁଆ ହେବ । ଏମିତି ଅନେକ କିଛି କଥା । । ଏଇ କିଛିଦିନ ତଳେ ସମସ୍ତେ ମାତୃ ଦିବସ ପାଳନ କଲେ, ମାର ଅବଦାନକୁ ସ୍ମରଣ କରିବା ପାଇଁ ଏଇ ଦିନଟିକୁ ସମସ୍ତେ ବେଶ ଖୁସିରେ ମନେଇଲେ । ସୋସିଆଲ ମଡ଼ିଆରେ ମା'ଙ୍କ ପାଇଁ ବେଶ ଶିକ୍ଷଣୀୟ ବାର୍ତା ବି ଦେଖିବାକୁ ମିଳିଲା । ଏଇସବୁ ଭିତରେ ମୁଁ ସେମିତି ଜଣେ ଚାଷୀଙ୍କୁ ଭେଟିଥିଲି ଯିଏ ନିଜ ମା'ଙ୍କ ଆଦର୍ଶକୁ ଗ୍ରହଣ କରି ଚାଷ କରିବାକୁ ଆଗ୍ରହ ପ୍ରକାଶ କଲେ । ସବୁଥିରେ ପାରଙ୍ଗମ । ସୁନ୍ଦରଗଡ଼ ଜିଲ୍ଲାର ସୁକାନ୍ତି ଭିତିରିଆ । ମା'ଙ୍କ ଉପରେ ମୁଁ ତାଙ୍କୁ କିଛି ପ୍ରଶ୍ନ କରିବା ପୂର୍ବରୁ ସେ ବେଶ ଚମତ୍କାର ଭାବରେ ପ୍ରଥମ ଧାଡ଼ି କହିଗଲେ - ମୋ ମା' ମୋ ପାଇଁ ସବୁକିଛି । ଆଜି ମୁଁ ଯାହା ବି ହେଇଛି ସବୁ ମୋ ମା' ପାଇଁ । ଜଣେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ହୋଇ ଘରେ ସୃଷ୍ଟି କରିଛନ୍ତି ପାକଶାଳା ବଗିଚାର ମାହୋଲ । ପାକଶାଳା ବଗିଚା ଏବେ ଏକ ଲୋକପ୍ରିୟ ସହରାଂଚଳ କୃଷିର ଉଦାହରଣ । ତେବେ କଥାଛଳରେ ସେ ବଖାଣିବସିଲେ ପରିବାରର କଥା । ଆଉ ମୁଁ ବୁଝି ପାରିଲି ଜଣେ କେବଳ ଚାଷ ଶିଖିଲେ ଯେ ଚାଷ କରିପାରିବ , ସେ କଥା ନୁହେଁ । ଚାଷ ପାଇଁ ଦରକାର ଦୃଢ଼ ମନୋବଳ ଆଉ କଠିନ ଇଚ୍ଛାଶକ୍ତି । ଯାହା ତାଙ୍କ ମା' ହିଁ ଆରମ୍ଭ କରିଥିଲେ । ଆଉ ଆଜି ତାଙ୍କ ମା'ଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବି ସୃଷ୍ଟି କରିଛନ୍ତି ଉଦ୍ୟାନ କୃଷିର ବେଶ କିଛି ନୂଆ ଢ଼ାଂଚା

ସେଇଠାରୁ ବୁଝିଗଲି ଚାଷୀର ସଂଜ୍ଞା ପାଇବା ସତରେ ବଡ଼ କଷ୍ଟ । ଆମେ ତିନି ଚାରି ଘଂଟା କ୍ଷେତକୁ ଗଲେ ହାତ ଦରଜ ହୋଇ ଦୁଇ ଦିନ ଆରାମ କରୁଥିବା ବେଳେ ସେ ଦିନରୁ ରାତିଯାଏଁ ବେଶ ଆନନ୍ଦରେ ନିଜ କାମକୁ ଉପଭୋଗ କରେ । ସତେ ଯେମିତି ଏ ମାଟିର ସବୁ କଣିକାକୁ ସେ ବେଶ ଭଲ ଭାବରେ ଚିହ୍ନିଯାଇଛି ।



# ହାଇଡ୍ରୋପନିକ୍ସ
## ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ





**ବିଶ୍ୱଜିତ ମଲ୍ଲିକ**
କୃଷି ସ୍ନାତକୋତର

ଦ୍ରୁତ ସହରୀକରଣ ଏବଂ ଉଦ୍ୟୋଗୀକରଣ ଯୋଗୁଁ ଭୂତଳ ଜଳର ପରିମାଣ ଏବଂ ଗୁଣବ□ା ଏବେ ସଙ୍କଟାପର୍ଣ୍ଣ । ଉପଯୁକ୍ତ ସମୟରେ ବର୍ଷାର ଅଭାବ ଏବଂ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ପରିବେଶ ପାଇଁ ଚିନ୍ତାର କାରଣ । ମୃତିକା ପ୍ରଦୂଷଣ ଏବଂ ଜଳବାୟୁରେ ପରିବର୍ତନ ଖାଦ୍ୟ ଉତ୍ପାଦନ ରେ ପ୍ରତିବନ୍ଧକ ସାଜିଛି । ସମୟାନୁକ୍ରମେ ମୃତିକାର ଜଳଧାରଣ କ୍ଷମତା ଏବଂ ଅମଳ କ୍ଷମତା କମିବାରେ ଲାଗିଛି । ଅତ୍ୟଧିକ ରସାୟନିକ ସାର ପ୍ରୟୋଗ ଫଳରେ ଚାଷ କ୍ଷେତରେ ଲୁଣିଅଂଶ ବଢିବାରେ ଲାଗିଛି । ସମୟ ଥାଉଥାଉ ଏହାର ସମାଧାନର କରା ନଗଲେ ଆଗାମୀ ଭବିଷ୍ୟତ ପାଇଁ ଏହା ବିପଦ ସୃଷ୍ଟି କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏ ସବୁ ସମସ୍ୟାର ସମାଧାନ ପାଇଁ କୃଷିକ୍ଷେତ୍ରରେ ଉନ୍ନତି ଅତ୍ୟନ୍ତ ଆବଶ୍ୟକ । ତେଣୁ କୃଷିକ୍ଷେତ୍ରରେ ହାଇଡ୍ରୋପୋନିକ୍ସ ପ୍ରଣାଳୀର ମହତ୍ୱ ଗୁରୁତ୍ୱପୂର୍ଣ୍ଣ ଅଟେ । ସ୍ୱଳ୍ପ ଖର୍ଚ୍ଚ, ଖୁବ କମ ସ୍ଥାନ ଓ ଜୈବିକ ଉପାୟରେ ଅଧିକ ଫସଲ ଅମଳ କରିବାର ଏକମାତ୍ର ପଦ୍ଧତି ହିଁ ହାଇଡ୍ରୋପୋନିକ୍ସ ।

# ହାଇଡ୍ରୋପୋନିକ୍ସ କଣ ?

ଏହା କୃଷି ଉତ୍ପାଦନର ଏକ ଉନ୍ନତ ପଦ୍ଧତି । ସାଧାରଣତଃ ଆମେ ମାଟିରେ ଗଛ ବଢୁଥିବା ଦେଖିଛେ କିନ୍ତୁ ହାଇଡ୍ରୋପୋନିକ୍ସ ସେ ସବୁରୁ ଟିକିଏ ଭିନ୍ନ । ବିନା ମୃ□କା ସାହାଯ୍ୟରେ ଉଦ୍ଭିଦ ବଢାଇବା ପଦ୍ଧତିକୁ ହାଇଡ୍ରୋପୋନିକ୍ସ କୁହାଯାଏ । ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ । ଏହି ପ୍ରଣାଳୀରେ କେବଳ ପାଣିରେ ସମସ୍ତ ବୃକ୍ଷ ବଢିପାରିବ । ମୋଟ ଉପରେ କହିବାକୁ ଗଲେ ମୃତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକୀୟ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ । ଏହି ପଦ୍ଧତିକୁ ଆମେ କୃଷିକ୍ଷେତ୍ରରେ ଉପଯୋଗ କରି ଫସଲ ଅମଳ କରିପାରିବା । ସାଧାରଣତଃ ଗଛ ବଢିବା ପାଇଁ ବିଭିନ୍ନ ପୋଷକ ପଦାର୍ଥ ମାଟିରୁ ଗ୍ରହଣ କରିଥାଏ ଠିକ୍ ସେହିପରି ହାଇଡ୍ରୋପୋନିକ୍ସ ରେ ଗଛ ପାଣିରୁ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗ୍ରହଣ କରିଥାଏ । ଗଛର ସମ୍ପୂର୍ଣ୍ଣ ଜୀବନକାଳ କେବଳ ପାଣିରେ ହିଁ ରହିଥାଏ ।

ଏହା ଏକ ସରଳ ପ୍ରକ୍ରିୟା ଅଟେ । ମଞ୍ଜି କିମ୍ବା ଚାରା ଗୁଡିକୁ ଏକ ପାତ୍ରରେ ରଖାଯାଇ ଏଥିରେ ତୁଳା, କାଠଗୁଣ୍ଡ, ନଡିଆ କତା, ଭରମିକୁଲାଇଟ୍ କିମ୍ବା ପରଲାଇଟ୍ ଭଳି ଯେ କୌଣସି ପଦାର୍ଥ ରଖାଯାଇଥାଏ ଯାହାକି ଗଛ ଗୁଡିକୁ ସିଧା ରଖିବାରେ ସାହାଯ୍ୟ କରିଥାଏ । ଏହି ପାତ୍ରକୁ ପୋଷକ ପଦାର୍ଥ ମିଶିଥିବା ପାଣି ରେ ରଖାଯାଏ । ଚାରା ବଡହେବା ସହ ଚେର ଗୁଡିକ ପାଣିରେ ବୁଡି ରହିଥାଏ । ଗଛର ଚେର ସେଥିମଧ୍ୟରୁ ପୋଷକ ପଦାର୍ଥ ଗ୍ରହଣ କରିଥାଏ **ଏବଂ ଗଛକୁ ବଢିବାରେ ସାହାଯ୍ୟ କରିଥାଏ । ସମସ୍ତ ଗଛ ର ଚେର ଗୁଡିକୁ ସଠିକ ମାତ୍ରାରେ** ଖାଦ୍ୟ ମିଳିବା ନିମନ୍ତେ ଜଳକୁ ଚକ୍ରୀୟ ପ୍ରକ୍ରିୟାରେ ଅନବରତ ପ୍ରବାହିତ କରାଯାଇଥାଏ । ଯାହା ଦ୍ୱାରା ଚେର ଉପଯୁକ୍ତ ଅମ୍ଳଜାନ ଏବଂ ଖାଦ୍ୟସାର ପାଇଥାଏ । ଏହି ଉପାୟରେ କୈଣସି ପ୍ରତିବନ୍ଧକ ନ ଥିବାରୁ ଗଛଗୁଡିକ ମାଟି ଅପେକ୍ଷା ଖୁବ ଭଲ ଏବଂ ଶୀଘ୍ର ବଢିଥାନ୍ତି । ଉପଯୁକ୍ତ ପରିବେଶ ରେ ବର୍ଷର ସବୁ ସମୟରେ ଫସଲ ଉତ୍ପାଦନ ସମ୍ଭବ ହୋଇଥାଏ । ହାଇଡ୍ରୋପୋନିକ୍ସ ଦ୍ୱାରା ଶୀତଦିନିଆ ପନିପରିବା ବର୍ଷର ଯେ କୌଣସି ସମୟରେ ଚାଷ କରାଯାଇଥାଏ । ମୂଖ୍ୟତଃ କୌଣସି ରସାୟନିକ ସାର କିମ୍ବା ଔଷଧର ବ୍ୟବହାର ହେଉନଥିବାରୁ ଏହା ସମ୍ପୂର୍ଣ୍ଣ ରୁପେ ଜୈବିକ ହୋଇଥାଏ । ହାଇଡ୍ରୋପୋନିକ୍ସ ଉପାୟରେ ମୃତିକାର ଆବଶ୍ୟକତା ନଥିବାରୁ ଖୁବ୍ କମ ସ୍ଥାନରେ ଉପରକୁ ଉପର ଲମ୍ବ ଭାବେ ସୋପାନ କରି ଚାଷ କରାଯାଇପାରିବ । ଏହା ଦ୍ୱାରା କମ ସ୍ଥାନରୁ ଅଧିକ ଅମଳ ମିଳିପାରିବ । ସାଧାରଣ ଲୋକଟିଏ ମଧ୍ୟ ନିଜ ଘରେ କିମ୍ବା ଛାତ ଉପରେ ଚାଷକରି ପରିବାରର ଅବଶ୍ୟକତା ପୂରଣ କରିପାରିବ । ହାଇଡ୍ରୋପୋନିକ୍ସ ପଦ୍ଧତିରେ କୃଷି ବିଦେଶରେ ଅନେକ ଆଦୃତ ହୋଇଛି । ଆମ ଦେଶରେ ମଧ୍ୟ ଅନେକ ଲୋକ ହାଇଡ୍ରୋପୋନିକ୍ସ ପଦ୍ଧତିରେ ଚାଷକରି ବ୍ୟବସାୟ କରୁଛନ୍ତି । ଅନ୍ୟ ଋତୁରେ ଅମଳ ହୋଇପାରୁଥିବାରୁ ଫସଲରୁ ମଧ୍ୟ ଲାଭବାନ ହେଉଛନ୍ତି । ହାଇଡ୍ରୋପୋନିକ୍ସ ପଦ୍ଧତି ରେ ବିଭିନ୍ନ ପନିପରିବା ମୂଖ୍ୟତଃ ପତ୍ର ଜାତୀୟ ପରିବା ଯଥା ପାଳଙ୍ଗ, ଧନିଆ ଏବଂ ପତ୍ରକୋବି, ବନ୍ଧାକୋବି, ଟମାଟୋ, କାକୁଡି ଭଳି ଅନେକ

ନିତ୍ୟବ୍ୟବହାର୍ଯ୍ୟ ପନିପରିବା ଚାଷ କରାଯାଇବାରିବ ।

# ଉପକାରିତା

♦ ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ ।

♦ ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ କରାଯାଇପାରିବ ।

♦ ସ୍ୱଳ୍ପ ସ୍ଥାନ ଏବଂ ଖୁବ କମସମୟରେ ଅଧିକ ଫସଲ ଅମଳ କରାଯାଇପାରିବ ।

♦ ଏହା ଦ୍ୱାରା ଜୈବିକ ଫସଲ ଉତ୍ପାଦନ କରାଯାଇପାରିବ ।

♦ ପରିବାର ର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ ଯାହାକି ସମସ୍ତ ପନିପରିବାର ଚାହିଦା ପୁରଣ କରିପାରିବ ।

♦ ହାଇଡ୍ରୋପୋନିକ୍ସରେ ବ୍ୟବହୃତ ପୋଷକ ପଦାର୍ଥ ର ମୂଲ୍ୟ ଜମିରେ ବ୍ୟବହୃତ କୀଟନାଶକ ଏବଂ ସାର ଅପେକ୍ଷା ବହୁତ କମ ।

♦ କୌଣସି ଅନାବନା ଘାସ ଉଠୁନଥିବା ହେତୁ ଫସଲ ଭଲ ବଢିଥାଏ ।

♦ ମୂଲ୍ୟବାନ ବୃକ୍ଷ ଫୁଲ ମଧ ଚାଷକରାଯାଇ ପାରିବ ।

# ଅପକାରିତା

♦ ଏଥିପାଇଁ ପ୍ରଥମତଃ ଏହାର ପରିଚାଳନା ନିମନ୍ତେ ପ୍ରଶିକ୍ଷିତ ବ୍ୟକ୍ତି ଆବଶ୍ୟକ ।

♦ ଗଛ ଗୁଡିକର ଚେର ସମ୍ପୁର୍ଣ୍ଣ ରୁପେ ପାଣିରେ ବୁଡିରହୁଥିବା ହେତୁ ରୋଗ ସଂକ୍ରମଣର ଆଶଙ୍କା ଅଧିକ ଥାଏ ।

♦ ଚେର ପାଣିରେ ଭାସୁଥିବା ହେତୁ ଫଳ ଧରିବା ସମୟରେ ଗଛ ଗୁଡିକ ଭାଙ୍ଗିଯିବାର ଆଶଙ୍କା ରହିଥାଏ ।

♦ ଜଳରେ ଲବଣ ଅଂଶ ରହିଲେ ଗଛ ବୃଦ୍ଧିରେ ଅସୁବିଧା ହୋଇଥାଏ ।

♦ ଏହା ଲାଭଦାୟୀ ପଦ୍ଧତି ହେଲେମଧ ପ୍ରଥମିକ ଖର୍ଚ୍ଚ ବହୁତ ଅଧିକ ହୋଇଥାଏ ।





# ବାସ୍ତବରେ ଓଡ଼ିଶାର ଚାଷୀ କାହିଁକି ଗରିବ ?




## ଶୁଭଶ୍ରୀ ସାହୁ
## ରାଉରକେଲା


**ଓଡ଼ିଶା–** ଆମ ରାଜ୍ୟ ଯେଉଁଠି ପରର ପେଟ ପୋଷିବାକୁ ନୁହେଁ ପରର ପେଟ ପୋଷିବାକୁ ଅଗ୍ରାଧିକାର ଦିଆଯାଏ , ଯେଉଁଠି ମାଟି ମନସ୍ଥ କୃଷକ ପ୍ରାଣ ତ୍ୟାଗ ଓନିଶ୍ୱର୍ଥାପରତାର ବାନା ଉଡାଇ ଶୁଷ୍କ ଜମିରେ ମଧ୍ୟ ନୂଆ ଫସଲର ଆଶା କୁ ଉଜ୍ଜୀବିତ ରଖିଥାଏ ; ଯେଉଁଠି ମାଟି ମା କୁ ପୂଜ୍ୟ ମାନେ କରି ଚାଷୀଭାଇ ହଳ ,ଲଙ୍ଗଳ ଚଳାଏ ଯାହାର ଅର୍ଥନୈତିକ ମାନଦଣ୍ଡ ହିଁ କୃଷି ; ଆଜି ସେଇ ରାଜ୍ୟ ର କୃଷକ ଭାଇଙ୍କ ଆର୍ଥିକ ଅବସ୍ଥା କୁ ନେଇ ଏକ ବିରାଟ ପ୍ରଶ୍ନ ମୁଣ୍ଡ ଟେକି ଛିଡ଼ା ହୋଇଛି । ଖବର କାଗଜ ହେଉ କି ବହି , ସବୁଠି ବଡ଼ ବଡ଼ ଅକ୍ଷୟରେ ଲେଖା ଯାଇଥାଏ କୃଷି ଏବଂ ଓଡିଶା ସମ୍ପର୍କର ଗାଥା , ଓଡ଼ିଶା ଏକ କୃଷପ୍ରଧାନ ରାଜ୍ୟ ଭାବେ ସର୍ବତ୍ର ପରିଚିତ , ୫ ଥର କୃଷି କର୍ମଣ ପୁରସ୍କାର ଅର୍ଜନ କରି ଜାତୀୟ ସ୍ତରରେ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ହେଲେ ତେବେ ବାସ୍ତବରେ କୃଷକ ପରିବାର ଏତେ ପଛୁଆ କାହିଁକି ?

ଏମିତି ଅନେକ ପ୍ରଶ୍ନର ଉତର ପାଇଁ କୃଷି ଓ କୃଷକଙ୍କର ମାନକୁ ବିଶ୍ଲେଷଣ କରି ଏକ ସର୍ଭେ? କରଯାଇଥିଲା । ଜାତୀୟ ନମୁନା ସର୍ବକ୍ଷଣ ସଂସ୍ଥା (NSSO) ପକ୍ଷରୁ ୨୦୧୯ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ହୋଇଥିବା ସର୍ବକ୍ଷଣ ରୁ ଏହା ଜଣାପଡ଼ିଛି ଯେ କୃଷକ ମାନଙ୍କର ମୁଣ୍ଡ ପିଛା ହାରାହାରି ସମ୍ପତି ୬.୨୧ ଲକ୍ଷ ଅଟେ । ତେବେ ୨୦୧୩ ମସିହାରେ ଏହା ୫.୩୨ ଲକ୍ଷ ରହିଥିଲା । ଏହା ସହ ଗ୍ରାମା*ଳ ସହରା*ଳ ଭିତିରେ ଦେଖିବାକୁ ଗଲେ , ଗ୍ରାମାଳ ଅପେକ୍ଷା ସହରାସଳ ଚାଷୀ ଭାଇ ମାନଙ୍କ ମୁଣ୍ଡ ପିଛା ଆୟ ଯଥେଷ୍ଟ ଅଧିକ (ପ୍ରାୟ ୧୩.୪୧ ଲକ୍ଷ ) ଅର୍ଥାତ୍ ଗ୍ରାମାଂଚଳ କୃଷକମାନେ ଗରିବ ଶ୍ରେଣୀର । ଆମର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ଛତିଶଗଡ ଓ ପଶ୍ଚିମବଙ୍ଗରେ ଏହା ଯଥାକ୍ରମେ ୮.୬ ଲକ୍ଷ ,୮.୯ ଲକ୍ଷ ଏବଂ ୭.୮୯ ଲକ୍ଷ ରହୁଥିବା ବେଳେ

ଓଡିଶାରେ ଗ୍ରାମାଂଚଳ  ଚ଼ାଷୀ ମାନଙ୍କ ଅବସ୍ଥା ଅତ୍ୟନ୍ତ ଦୟନୀୟ ଅଟେ  । ଜାତୀୟ ପରିସଂଖ୍ୟାନ ସଂସ୍ଥା ଦ୍ୱାରା ଗ୍ରାମା*ଳ କୃଷକ ପାରିବାରିକ ସ୍ଥିତି ସମୀକ୍ଷାରୁ ମିଳିଥିବା ସୂଚ଼ନା ଅନୁସାରେ ଓଡିଶାର କୃଷକ ମାନଙ୍କ ମାସିକ ଆୟ ହାରାହାରି ୫,୧ ୨ ୧ ଟଙ୍କା ଝାଡ଼ଖଣ୍ଡ ପରେ ଏହା ଦ୍ୱିତୀୟ ସର୍ବନିମ୍ନ ମାସିକ ଆୟ  ।

ଏ ସମ୍ପର୍କରେ କୃଷକ ମାନଙ୍କର ନେତୃତ୍ୱ ନେଇଥିବା ନେତା ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାକର୍ମୀ ମାନଙ୍କର ମତ ଟିକେ ଭିନ୍ନ  । ଏପରି ଅକଳନରେ ସେମାନେ ଆଶ୍ଚର୍ଯ୍ୟ ନୁହନ୍ତି  ,କାରଣ ସେମାନଙ୍କ ମତରେ କୃଷି କ୍ଷେତ୍ରରେ ଅର୍ଥ ବିନିଯୋଗ ର ଉଦାହରଣ ଅତି କମ୍ । ସିଂଚନ ପ୍ରକ୍ରିୟା ଭଳି ଛୋଟ ଛୋଟ କୃଷି ଭିତିକ ପ୍ରଣାଳୀ ଗୁଡ଼ିକ କ୍ଷେତ୍ରରେ ଆର୍ଥିକ ସାହାଯ୍ୟ ଆତ୍ୟନ୍ତ ନ୍ୟୂନ  ।

ଏହା ବ୍ୟତୀତ ଓଡିଶାର ୪୫ ପ୍ରତିଶତ କୃଷକ ଭାଗଚ଼ାଷୀ , ଅର୍ଥାତ୍ ନିଜର ଜମି ନଥିବା ଚ଼ାଷୀ  । ଅନ୍ୟର ଜମିରେ ମୂଳ ଲାଗି ଖଟି,କିଛି ବେତନ ପାଇ ପରିବାର ପୋଷଣ କରନ୍ତି  । ଏଭଳି କ୍ଷେତ୍ରର ଜମିରୁ ହେଉଥିବା ଲାଭାଂଶ ସିଧସଳଖ ଜମି ମାଲିକଙ୍କ ପକେଟ୍‌କୁ ଯାଇଥାଏ ଯାହା କୃଷକ ପାଇବାରୁ ବଂ*ତ ହୋଇଥାଏ  । ଏଇଥି ଯୋଗୁଁ କୃଷକ ଯୋଉ ଗରିବ କୁ ସେଇ ଗରିବ ହୋଇ ରହିଯାଉଛି ।

ତା ଛଡା କୃଷକ ର ଅଳ୍ପ ଆୟ ସାଙ୍ଗକୁ ମାହଙ୍ଗା ବଜାର ମୂଲ୍ୟ  , ପରିବାର ପୋଷଣ ବୋଝ ଉପରେ ନଳିତା ବିଡ଼ା ଭଳି ଭାରି ପଡୁଛି । ସଠିକ୍ ଶସ୍ୟ ଏବଂ ପନିପରିବାର ରକ୍ଷଣାବେକ୍ଷଣର ଅଭାବ , ଅଭାବୀ ବିକ୍ରି ଏବଂ ସଠିକ୍ ବଜାର ମୂଲ୍ୟର ଅଭାବ ଚ଼ାଷୀକୁ ଅନେକ କ୍ଷତି ପହଁଚାଉଛି  ।

କାଳିଆ ଯୋଜନା ତଥା ଅନ୍ୟାନ୍ୟ କୃଷି ବଜେଟ୍ ସତ୍ୱେ ଓଡିଶା ଆଜି କୃଷି ଓ କୃଷକର ଅଧାରିକ ସରଂଚନା କ୍ଷେତ୍ରରେ  ବହୁତ ପଛରେ । ଯେଉଁ ସବୁ ଯୋଜନା ଗୁଡ଼ିକ କାର୍ଯକାରୀ ହେଉଛି ତାହା ଅତି କମ୍ ସମୟ ପାଇଁ ହୋଇପାରୁଛି  ,ତେଣୁ ସେଗୁଡ଼ିକର ସମ୍ପୂର୍ଣ୍ଣ ଉପକାରିତା ଚ଼ାଷୀ ଭାଇ ଉପଭୋଗ କରିପାରୁନାହାନ୍ତି  । ଜଳବାୟୁର ଅନିୟମିତତା, ଅଦିନିଆ ବର୍ଷା ଏବଂ ବାତ୍ୟା  ଉପକୂଳବର୍ତୀ ଅଂଚଳରେ ରହୁଥିବା ଚ଼ାଷୀଭାଇଙ୍କ ଫସଲ ହାନି ଏବଂ ଚ଼ାଷ ଜନିତ କ୍ଷତିର ଆଉ ଏକ କାରଣ  ।

ଏହି ସବୁ ସୁବିଧା ଅସୁବିଧା ଚ଼ାଷୀ ଭାଇର ମେରୁଦଣ୍ଡ ବଙ୍ଗିଦେଇଛି । ବର୍ତମାନ ସରକାରଙ୍କ ତରଫରୁ ଅନେକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଇଥିବା ବେଳେ କୃଷିକୁ ମୂଳ ସ୍ରୋତରେ ଅଗ୍ରାଭିମୁଖି କରିବା ପ୍ରୟାସରେ ଅନେକ ଅନେଗୁଡ଼ିଏ ବଜେଟ୍ ମଧ୍ୟ କାର୍ଯ୍ୟକାରୀ ହେବାରେ ଲାଗିଛି ସବୁ ପରିବର୍ତନ ? ଆଜି ଚ଼ାଷୀଭାଇର ଏପରି ଅବସ୍ଥା କାହିଁକି ? ଏଥିପାଇଁ ଦାୟୀ କିଏ  ? ଏହାର ସଠିକ ସମୀକ୍ଷା କରାଯାଇପାରିଲେ ହୁଏତ ତ ବାସ୍ତବିକ୍ ସମାଜରେ ଚ଼ାଷୀର ଆର୍ଥିକ ଓ ପରିବାର ପୋଷଣରେ ଉନ୍ନତି ଘଟିବା ସଙ୍ଗେ ରାଜ୍ୟର ତଥା ଦେଶର ପ୍ରଗତି ରଥ ବିନା ବାଧା ବିଘ୍ନ ରେ ଗଡି ଲକ୍ଷ୍ୟସ୍ଥଳରେ ପହଁଚିପାରିବ  ।





# TheWorkaholic RUPDHAR JANI

*Shyamala Subarna Bureau*

A person named Mr. Rupdhar Jani who belongs to Kandraguda Village, Pujariguda G.P. of Tentulikhunti Block of Nabarangpur District has set an example for others. It is said that those who visit that village once interact with him.
His brief success story was described below: He is a small farmer with a piece of land consisting of 1 acre. That land didn't get any source of irrigation. The only cultivation he used to do is maize during the rainy season in which he earns Rs 9800 per year which is very low to run his family. So he migrates to various states likes Bangalore, Chennai for other labor works. Here is a turning point that came in his life by inspiring from KKS he decided to grow the family farm through a fruit orchard, intercropping, etc.
So he started to prepare that 1 acre of land for this purpose. By eco-village development program He was provided with 65 fruit plants (35 cashew, 30 grafted mango plants) for fruit orchard development in 0.75 acres and 150 forest species (chakunda- Cassia Siamia, simarua, Karanja, sublabel, jackfruit, and tamarind, etc.) for border plantation to fulfill the need of fuel, fodder timber, and other requirements. Apart from that in 0.25 acres, he cultivated millet, pulses, maize, and paddy as annual cropping for food security. During the Kharif season (rainy season) he was cultivated different vegetables like tomato, brinjal, cauliflower, cabbage, radish, chili, cowpea, beans, onion, and pumpkin as intercropping. Apart from this, he was provided a significant training conducted by Agragamee to understand the importance of family farm development. He also started to cultivate these crops through organic farming and various measures he has taken to uplift them.Farmers like him are really an inspiration for others he is the jewel of this village.



# Farmers

# The Real warriors



**Nirad Baran Dalai**

"In winter's chill or summer's heat, A farmer works so the world can eat".Well, I don't have any words for this topic because whatever I will pen about it will be less. After all, the word farmer is newfangled. But the heart doesn't stop, it's forcing me to write something, hope you all will like it.

A man who dreams in the night how he will put the crops and in the morning make that dream into a reality that is a farmer. Here the real story of farmers begins. After a child grew up to the adult stage it makes itself busy in some occupation to earn money, so that he can maintain his livelihood. But some fall in love with farming as their occupation.When a person steps into the farming sector its only dream is to produce, procure, sell and run his family. He doesn't worry about the modernity and trend that we have in our lifestyle. He doesn't have a house with lights and fans, he has a house with the sweet smell of mud.The quality of the product we are getting today is only because of them, people thought that food is the way for sustenance but in my point of view, A farmer is a way for survival. Starting from sun rays to sun set he put it's at most confidence, hard work to feed our mouth. In our Nation 2 Communities are very prestigious 1 Army 2 farmers Community. They are the living gods in our Nation.Last but not the least to empower the farming sector both state and central governments have done their best for their welfare and more is to be done. At the end of this article, I would like to share that,Farmer's happiness is the happiness of ours so never let it go. (Farmers The Real God)

# E-RUPI A New Monetary Transaction For Farmers




Satyajit Sahu,
(ABM utkal university)

Brief Description Of e-RUPI: e-Rupi is considered to be a contactless payment and a medium through which a specific farmer can buy from a specific seller anywhere in the country.A QR code has been generated through which the payment will be done. Who co-ordinate with government to develop this system?The platform, developed by the National Payments Corporation of India in collaboration with the Department of Financial Services, Ministry of Health & Family Welfare and National Health Authority, claims to be a person and purpose-specific digital payment solution. Why this drastic changes were made?

priate item he may not buy.@2 Government can send money to district officers so that they can buy the appropriate product and send it to the farmers. But the mediator may not use the money fully he may not buy good qualities of the product.

To avoid these problems government has come up with this remarkable idea which will help the farmer. How the farmer will buy the product. The farmers have to go to a pesticides retailers and show them the QR code and the funds will transfer to the retailers account.The main important thing is this QR code is available on keypad phones as well as smartphones. The QR code will come through a message to your respective mobile. Merits Of e-Rupi

1.There will be leak proof delivery of welfare service farmers. 2. There will no chances of diversion of mind by seeing a huge amount in hand.3. The fund will be used only for that purpose for which it has been given.4. Zero chances of misuse of funds. 5. Corruption would be less as it is an end to end service. The code will made by NPCI under the coordination of different centralized banks.



# ODISHA

## The Best Performing State In Millets Production





The time has come and all await is over today our state Odisha backed as best performing state in millets production. In context to this one of the representatives of Odisha received the award from the honorable union minister of agriculture Shri Narendra Singh Tomar at Hyderabad. This only happened because of our beloved farmer's hard work and our state agricultural department.From the team of shyamala subarna, we congratulate all our farmers, agricultural department. More success to come in the future.

# Kisan Rath




Amid the ongoing nationwide stir over three farm laws introduced by the Centre, Assam chief minister Sarbananda Sonowal on Tuesday launched the Kisan Rath Mobile App in order to facilitate timely sale of agricultural products by promoting a buyer-seller network.

## Major benefits of this app is :

- 1 The App facilitates farmers and traders to identify suitable transport facilities for the movement of farm produce.
- 2 It ensures seamless supply linkages between farmers, FPOS, APMC, mandis and intra-state buyers.
- 3 This app is designed and made by NIC
- 4 With the help of this app the production amount will send from gate to mandi.



ୱହି ସାଥ ୱହି ବାତ ମଗର ଏକ ନୟୀ ସୁରୱାତ୍
Mahesh
Jewellery Since 1993
Mahesh
100% BIS 916 Hallmark Showroom
GOLD II SILVER II DIMOND
JEWELLERY
High School Chhak, Basudevpur, Bhadrak, Odisha
Ph# 06784-271356, Mob# 9438320959

IFFCO
पूर्णतः सहकारी स्वामित्व
Wholly owned by Cooperatives

এফ্ সি ଓ ଅନୁମୋଦିତ ବିଶ୍ୱର ପ୍ରଥମ ନାନୋ ଫର୍ଟିଲାଇଜର୍

# ଇଫ୍‌କୋ ନାନୋ ୟୁରିଆ (ତରଳ)




- ଏକ ୫୦୦ ମି.ଲି. ନାନୋ ୟୁରିଆ ବୋତଲ ୪୫ କି.ଗ୍ରା ୟୁରିଆ ବ୍ୟାଗ ସହିତ ସମାନ ।
- ୨-୪ ମି.ଲି. ନାନୋ ୟୁରିଆକୁ ୧ ଲିଟର ପାଣିରେ ମିଶାନ୍ତୁ ଏବଂ ଫସଲର ଆବଶ୍ୟକତା ଅନୁସାରେ ମିଶ୍ରଣକୁ ପତ୍ରରେ ସିଞ୍ଚନ କରନ୍ତୁ ।
- ଏହି ନାନୋ ୟୁରିଆକୁ ଇଫ୍‌କୋର ଜଳ ଦ୍ରବଣୀୟ ସାର ଏବଂ ସାଗରିକା ହରମୋନ ସହ ମଧ ମିଶାଇ ସିଞ୍ଚନ କରାଯାଇପାରେ ।

ଇଣ୍ଡିଆନ୍ ଫାରମର୍ସ ଫର୍ଟିଲାଇଜର କୋଅପରେଟିଭ ଲିଃ